ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯବେକ୍ଷକ
Vol.26 . No.129 Bhubaneswar Tuesday June 27 2023 | ୨୬ତମ ବର୍ଷ ସଂଖ୍ୟା-୧୨୯ ଭୁବନେଶ୍ୱର, ମଙ୍ଗଳବାର, ଜୁନ ୨୭, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

# ପାଣ୍ଡିଆନଙ୍କୁ ନେଇ ବିବାଦ ପରେ ମୁହଁ ଖୋଲିଲେ ନବୀନ: କହିଲେ- ମୁଁ ପଠାଉଛି, ଏବେ ବିରୋଧୀ କରିବେ କ'ଣ ?



ଭୁବନେଶ୍ୱର, ୨୬।୬(ପି.ଏନ): ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ଫାଇଭ-ଟି ସଚିବ ଭିକେ ପାଣ୍ଡିଆନ ରାଜ୍ୟର ବିଭିନ୍ନ ଜିଲ୍ଲାକୁ ଯିବା, ସାଧାରଣ ସଭା କରିବା, ସେଠାରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ମିଳିବାକୁ ନେଇ ବିବାଦ ବଢ଼ିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁହଁ ଖୋଲିଛନ୍ତି । ନବୀନଙ୍କ ଏକ ଅଡିଓ ରେକର୍ଡିଂକୁ ଖୋଦ୍ ଫାଇଭ-ଟି ସଚିବ ଶ୍ରୀ ପାଣ୍ଡିଆନ ଆଜି ବରଗଡ ଜିଲ୍ଲାରେ ମିଶନ ଶକ୍ତି ମା'ମାନଙ୍କୁ ଭେଟିବାବେଳେ ନିଜ ଫୋନରୁ ବଜାଇ ଶୁଣାଇଛନ୍ତି । କାଳେ ଲୋକେ ଠିକ୍ ସେ ଶୁଣିନପାରିବେ ସେଥିପାଇଁ ପୂର୍ବରୁ ରେକର୍ଡିଂ ହୋଇଥିବା ନବୀନଙ୍କ ଏହି ଅଡିଓ ସନ୍ଦେଶକୁ ଦୁଇଦୁଇ ଥର ବଜାଇ ଶୁଣାଇଛନ୍ତି ।ଏହାସହିତ ପାଣ୍ଡିଆନଙ୍କ ରାଜ୍ୟ ବୁଲିବାକୁ ନେଇ ବିଜେପି ସାଂସଦ ଅପରାଜିତା ଷଡଙ୍ଗୀ ଓ ବିଜେଡି ଉପସଭାପତି ତଥା ବରିଷ୍ଠ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଉଠାଇଥିବା ପ୍ରଶ୍ନ ଓ ବିବାଦ ଉପରେ ତାଳି ପକାଇବାକୁ ଉଦ୍ୟମ ହୋଇଛି । ମାତ୍ର ଜଣେ ସଚିବ ପାହ୍ୟାର ଅଫିସରଙ୍କ ଜିଲ୍ଲା ଗସ୍ତରେ ଯେଉଁ ଭବ୍ୟ ସମ୍ବର୍ଦ୍ଧନା ଓ ସୁରକ୍ଷା ଆଦି ବ୍ୟବସ୍ଥା ହେଉଛି ତାହା କ'ଣ ମୁଖ୍ୟମନ୍ତ୍ରୀଙ୍କ ଜାଣତରେ ହେଉଛି ନା ସେଥିପାଇଁ ବି ମୁଖ୍ୟମନ୍ତ୍ରୀ ଅନୁମତି ଦେଇଛନ୍ତି ତାହା ଜଣାପଡିନି । ରାଜ୍ୟ ବୁଲିବା ପାଇଁ ଅନୁମତି ଦେଇଥିବା ନେଇ ନବୀନଙ୍କ ସ୍ପଷ୍ଟୀକରଣ ପରେ ବିରୋଧୀ ବିଜେପି ଓ କଂଗ୍ରେସ କିଭଳି ଆଭିମୁଖ୍ୟ ପୋଷଣ କରୁଛି ଓ ନବୀନଙ୍କୁ ଜଣେ ଭଲ ଛାତ୍ର କହି ଉତ୍ତର ଦେବାକୁ ଡର କାହିଁକି ବୋଲି ସୌମ୍ୟ ପ୍ରଶ୍ନ କରିବା ପରେ ନବୀନ ମୁହଁ ଖୋଲିବାକୁ ବାଧ ହୋଇଛନ୍ତି ବୋଲି ଚର୍ଚ୍ଚା ।ଦୁଇଦିନିଆ ବରଗଡ ଜିଲ୍ଲା ଗସ୍ତର ପ୍ରଥମ ଦିନରେ ବରଗଡର ନିଶାମଣି ହାଇସ୍କୁଲ ପଡିଆରେ ଫାଇଭ-ଟି ସଚିବ ପାଣ୍ଡିଆନ ମିଶନ ଶକ୍ତି ମା'ମାନଙ୍କୁ ସମ୍ବୋଧିତ କରିବା ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏକ ଅଡିଓ ସନ୍ଦେଶକୁ ଶୁଣାଇଥିଲେ । ଯେଉଁଥିରେ ନବୀନ କହିଥିଲେ, "ଆପଣଙ୍କ ସୁଖଦୁଃଖ ବୁଝିବା ପାଇଁ ମୁଁ ମୋ ସଚିବଙ୍କୁ ପଠାଇଛି । ଆପଣମାନେ ଭଲ କାମ କରନ୍ତୁ । ମୁଁ ସାହାଯ୍ୟ କରିବି ।" ମୁଖ୍ୟମନ୍ତ୍ରୀଙ୍କ ଏହି ଦୁଇ ପଦ କଥା ପରେ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ହେଉଥିବା ସ୍ପଷ୍ଟ ହୋଇଛି । ମାତ୍ର ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ ବେଳେ ଯେଉଁଭଳି ଭାବେ ସୁରକ୍ଷା ବ୍ୟବସ୍ଥା ସହ ସାଧାରଣ ସଭାର ଆୟୋଜନ ହେଉଛି ଓ ଯେଉଁ ଢଙ୍ଗରେ ଏସବୁ ହେଉଛି ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି । ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ ଉପରେ ଆପତ୍ତି ଉଠାଉଥିବା ତଥା ମୁଖ୍ୟମନ୍ତ୍ରୀଙ୍କ ଜାଣତରେ ହେଉଛି କି ନାହିଁ , ଏପରିକି ପାଣ୍ଡିଆନଙ୍କୁ ସମାଲୋଚନା କରି ମୁଖ୍ୟମନ୍ତ୍ରୀଙ୍କୁ କ୍ଲିନଚିଟ୍ ଦେଉଥିବା ବିରୋଧୀ ବିଜେପି ଓ କଂଗ୍ରେସ ଏବେ କିଭଳି ଆଭିମୁଖ୍ୟ ପୋଷଣ କରୁଛି ତାହା ଉପରେ ସମସ୍ତଙ୍କ ନଜର ।

## ଦିନରୁ ବନ୍ଦ କରିଦେବେ ସନ୍ଧ୍ୟା ଦର୍ଶନ



ଭୁବନେଶ୍ୱର, ୨୬।୬(ପି.ଏନ): ଆଡପ ମଣ୍ଡପରେ ଆସନ୍ତାକାଲି ନବମୀ ତିଥିରେ ଶ୍ରୀଜୀଉଙ୍କ ଶେଷ ଦର୍ଶନ ବା ସାଂଧ୍ୟଦର୍ଶନ। ତେବେ ସନ୍ଧ୍ୟା ଦର୍ଶନ ସନ୍ଧ୍ୟାରେ ହେବା ପୂର୍ବରୁ ପ୍ରଶାସନ ଏହାକୁ ବନ୍ଦ କରିବା ନିଷ୍ପତ୍ତି ଏବେ ଭକ୍ତ ମହଲରେ ଅସନ୍ତୋଷର କାରଣ ହୋଇଛି। ବାହୁଡା ନୀତିକୁ ଶୃଙ୍ଖଳିତ କରିବା ଉଦ୍ଦେଶ୍ୟରେ ଏଥର ସାଂଧ୍ୟ ଦର୍ଶନକୁ ସଂଧ୍ୟା ପରିବର୍ତ୍ତ ? ଅପରାହ୍ନ ୫ଟା ସୁଦ୍ଧା ସାରିବାକୁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ।ତେବେ ଏସବୁ ଭିତରେ ସାଂଧ୍ୟଦର୍ଶନ ସମୟକୁ ନେଇ ଆରମ୍ଭ ହୋଇଛି ବିବାଦ। ସଂଧ୍ୟା ବଦଳରେ ଅପରାହ୍ନରେ ଦର୍ଶନକୁ ବନ୍ଦ କରାଯିବା ଶାସ୍ତ୍ରସମ୍ମତ ନୁହେଁ ବୋଲି କହିଛନ୍ତି ମୁକ୍ତିମଣ୍ଡପ ପଣ୍ଡିତ ସଭାର ସଦସ୍ୟ ହରିଶଙ୍କର ମିଶ୍ର। ଯାହାକୁ ବରିଷ୍ଠ ଦଇତାପତି ସେବାୟତ ବିନାୟକ ଦାସ ମହାପାତ୍ର ଖଣ୍ଡନ କରିବା ସହ ବାହୁଡା ନୀତିକାନ୍ତିକୁ ଶୃଙ୍ଖଳତି କରାଯିବା ପାଇଁ ସର୍ବସମ୍ମତ କ୍ରମେ ଏଭଳି ନିଷ୍ପତ୍ତି ନିଆଯାଇଥିବା କହିଛନ୍ତି।

## ଯାତ୍ରୀବାହୀ ବସ୍ - କନ୍ୟାଯାତ୍ରୀ ମିନି ବସ୍ ମୁହାଁମୁହିଁ : ୧୨ ମୃତ, ୯ ଆହତ

ଗଞ୍ଜାମ, ୨୬।୬(ପି.ଏନ): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି କଲେଜ ଛକ ତଥା ମଉଳା ଭଣଜା ନିକଟରେ ଗତକାଲି ରାତି ପ୍ରାୟ ୧ଟା ସମୟରେ ଘଟିଯାଇଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଏଥିରେ ୧୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୯ ଜଣ ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ, ବ୍ରହ୍ମପୁରରୁ ରାୟଗଡ଼ା ଅଭିମୁଖେ ଯାଉଥିବା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସଆରଟିସି)ର ଏକ ଯାତ୍ରୀବାହୀ ବସ୍ ସହ ଦେଉଳି ଗାଁରୁ ଖଣ୍ଡଦେଉଳି ଆଡକୁ ଆସୁଥିବା ଏକ କନ୍ୟାଯାତ୍ରୀ ମିନି ବସ୍ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ କନ୍ୟାଯାତ୍ରୀ ବସ୍ ର ୧୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୯ ଜଣ ଆହତ ହୋଇଛନ୍ତି । ମୃତକ ମାନଙ୍କ ମଧ୍ୟରେ ୪ ଜଣ ମହିଳା, ୬ ଜଣ ପୁରୁଷ ଏବଂ ଦୁଇ ଜଣ ଶିଶୁ ରହିଛନ୍ତି । ମୃତକ ମାନେ ହେଲେ ଶିବାନୀ ପ୍ରଧାନ, ରୂପାଲି ପ୍ରଧାନ, ସୁଜ୍ଞାନୀ ପ୍ରଧାନ, ସଙ୍ଗୀତା ଡାକୁଆ, ଲିଟୁ ନାୟକ, ତ୍ରିପତି ପ୍ରଧାନ, ରମେଶ ପ୍ରଧାନ, ସୀତାରାମ ପ୍ରଧାନ ଏବଂ ଅନ୍ୟ ୪ ଜଣ । ବସ୍ ରେ ୩୦ ଜଣ କନ୍ୟା ଯାତ୍ରୀ ଫେରୁଥିଲେ । ଏମାନେ ସମସ୍ତେ ପୂର୍ବତନ ସାଂସଦ ରେଣୁବାଳା ପ୍ରଧାନଙ୍କ ପରିବାର ଲୋକ ବୋଲି ଜଣାପଡିଛି । ଖବର ପାଇ ଦିଗପହଣ୍ଡି ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ଆହତ ଓ ମୃତକଙ୍କୁ ଦୁର୍ଘଟଣାଗ୍ରସ୍ତ ବସ୍ ରୁ ଉଦ୍ଧାର କରିଥିଲେ । ଆହତ ମାନଙ୍କୁ ଚିକିତ୍ସା ନିମନ୍ତେ ଦିଗପହଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ଜଣକ ଅବସ୍ଥା ସଙ୍କଟାପନ୍ନ ହୋଇପଡିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ପୋଲିସ ମୃତକମାନଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଛି । ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିବା ସହ ଆହତ ମାନଙ୍କୁ ସମବେଦନା ଜଣାଇଛନ୍ତି । ଏବଂ ମୃତକଙ୍କ ପରିବାରକୁ ୩ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ରାଶି ଘୋଷଣା କରିଛନ୍ତି । ଏହା ସହ ଆହତ ମାନଙ୍କ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ଶ୍ରୀ ପଟ୍ଟନାୟକ ଘୋଷଣା କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଘଟଣାରେ ମୃତକଙ୍କ ପାଇଁ ଶୋକ ବ୍ୟକ୍ତ କରିବା ସହ ଆହତ ମାନଙ୍କୁ ସମବେଦନା ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ମୃତକଙ୍କ ପରିବାର ନିମନ୍ତେ ୨ ଲକ୍ଷ ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି । ସେହିପରି ଆହତ ମାନଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିବା ପାଇଁ ଘୋଷଣା କରିଛନ୍ତି ।

### ପ୍ରକାଶ ପାଇଲା ଉତ୍କଳ ବିଶ୍ୱବିଦ୍ୟାଳୟର ଯୁକ୍ତ ତିନି ପରୀକ୍ଷାଫଳ

ଭୁବନେଶ୍ୱର, ୨୬।୬(ପି.ଏନ): ଉତ୍କଳ ବିଶ୍ୱବିଦ୍ୟାଳୟର ଯୁକ୍ତ ତିନି ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ ମହାବିଦ୍ୟାଳୟଗୁଡିକର ସ୍ନାତକ ଶେଷ ସେମିଷ୍ଟାର ୨୦୨୩ ନିୟମିତ ଓ ବ୍ୟାକ ପରୀକ୍ଷାର୍ଥୀଙ୍କ ପରୀକ୍ଷାଫଳ ପ୍ରକାଶ ପାଇଛି । କଳା ଅନର୍ସରେ ପାସ୍ ହାର ୯୦.୫୯ ପ୍ରତିଶତ ରହିଥିବା ବେଳେ ବିଜ୍ଞାନ ଅନର୍ସରେ ୯୫.୩୦ ପ୍ରତିଶତ ଓ ବାଣିଜ୍ୟ ଅନର୍ସରେ ପାସ୍ ହାର ୮୯.୨୮ ପ୍ରତିଶତ ରହିଛି । କଳା ଅନର୍ସରେ ସମୁଦାୟ ୨୫ ହଜାର ୩୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ୧୯ ହଜାର ୫୦୪ ଜଣ ଉତୀର୍ଣ୍ଣ ହୋଇଛନ୍ତି । ସେହିପରି ବିଜ୍ଞାନ ଅନର୍ସରେ ସମୁଦାୟ ୧୩୬୦୭ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୧୬୦୫ ଓ ବାଣିଜ୍ୟ ଅନର୍ସରେ ୪୧୪୭ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୧୬୬ ଜଣ ଉତୀର୍ଣ୍ଣ ହୋଇଛନ୍ତି ।

### ଓପିଏସସିରେ ୨ ସଦସ୍ୟଙ୍କୁ ନିଯୁକ୍ତି

ଭୁବନେଶ୍ୱର, ୨୬।୬(ପି.ଏନ): ଓଡିଶା ଲୋକସେବା ଆୟୋଗ (ଓପିଏସସି)ରେ ୨ ଜଣ ସଦସ୍ୟଙ୍କୁ ନିଯୁକ୍ତି ଦେଇଛନ୍ତି ରାଜ୍ୟ ସରକାର। ପ୍ରଫେସର ଚୌଧୁରୀ ସୂର୍ଯ୍ୟକାନ୍ତ ମିଶ୍ର ଓ ଗୌରାଙ୍ଗ ଚରଣ ସାହୁଙ୍କୁ ଓପିଏସସି ସଦସ୍ୟ ଭାବେ ନିଯୁକ୍ତି ମିଳିଛି। ଉଭୟ ୬ବର୍ଷ ପାଇଁ ଏହି ଦାୟିତ୍ୱରେ ରହିବେ।

## ଏକାମ୍ର ପ୍ରକଳ୍ପ ପାଇଁ ଭୂମିପୂଜନ ଆରମ୍ଭ, ୨୮ ତାରିଖରେ ଶିଳାନ୍ୟାସ କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୬।୬(ପି.ଏନ): ଏକାମ୍ର ପ୍ରକଳ୍ପ ପାଇଁ ଆଜିଠାରୁ ଭୂମିପୂଜନ ଆରମ୍ଭ ହୋଇଛି । ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଓ ପରମ୍ପରା ଆଧାରିତ ଏହି ପ୍ରକଳ୍ପ ପାଇଁ ତିନିଦିନ ପୂଜା ଚାଲିବ । ଏଥିପାଇଁ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି । ଆୟୋଜନ ହୋଇଛି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ । ଆସନ୍ତା ୨୮ ତାରିଖରେ ଏକାମ୍ର ପ୍ରକଳ୍ପର ଶିଳାନ୍ୟାସ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଆସନ୍ତାକାଲି ଯଜ୍ଞରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଯୋଗଦେବେ। ଆଲୋକ ମାଳାରେ ସଜ୍ଜିତ ହୋଇଛି ଲିଙ୍ଗରାଜ ମନ୍ଦିର, ଅନନ୍ତ ବାସୁଦେବ ମନ୍ଦିର, ମୁକ୍ତେଶ୍ୱର ମନ୍ଦିର, ବିନ୍ଦୁସାଗର ଓ ଅନ୍ୟ ମନ୍ଦିର । ଶ୍ରୀଲିଙ୍ଗରାଜ ମନ୍ଦିରରେ ପ୍ରସ୍ତୁତ ହୋଇଛି ବିରାଟ ଯଜ୍ଞସ୍ଥଳୀ । ସନ୍ଧ୍ୟାରେ ଅଙ୍କୁର ରୋପଣ ପରେ ରାତି ୧୧ଟାରେ ମଣ୍ଡଳକରଣ । ମଙ୍ଗଳବାର ଭୋର୍ ୪ଟାରୁ ଜଳାଧିବାସ, ୬ଟା ୩୦ରେ ମନ୍ଦିର ଓ ଯଜ୍ଞବେଦୀ ପ୍ରଦକ୍ଷିଣ କରାଯିବ । ଏହା ପରେ ଘଟ ଓ ଦୀପ ସ୍ଥାପନ, ଗୁରୁ ପୂଜନ, ପଞ୍ଚାମୃତ, ପଞ୍ଚଗବ୍ୟ ଶୋଧନ କରାଯାଇ ସୂର୍ଯ୍ୟ ପୂଜା ସହ ଆରମ୍ଭ ହେବ ଯଜ୍ଞ । ଆସନ୍ତା ତିନିଦିନ ଧରି ବିଏମସି ମାର୍କେଟ କମ୍ପ୍ଲେକ୍ସରେ ସ୍କାଏ ପ୍ରୋଜେକ୍ସନ, ଆଲୋକ ଓ ଶବ୍ଦ ପ୍ରଦର୍ଶନ ସହ ନୃତ୍ୟ ଆୟୋଜନ କରାଯାଇଛି ।ପ୍ରୋଜେକ୍ଟ ମଡେଲ ଓ ସୂଚନା ପ୍ରଦର୍ଶନୀ ଜରିଆରେ ଏକାମ୍ର କ୍ଷେତ୍ରର ବିକାଶ ସମ୍ପର୍କରେ ପର୍ଯ୍ୟଟକଙ୍କୁ ଅବଗତ କରାଯାଉଛି ।

## ସୌମ୍ୟଙ୍କ ସପକ୍ଷରେ ବାହାରିଲେ ତନୟା, ବିରୋଧୀଙ୍କୁ କଲେ କଟାକ୍ଷ



ଭୁବନେଶ୍ୱର, ୨୬।୬(ପି.ଏନ): ବିଜେଡି ଉପସଭାପତି ତଥା ବରିଷ୍ଠ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ସପକ୍ଷରେ ତାଙ୍କ ଝିଅ ତନୟା ପଟ୍ଟନାୟକ ଆଗକୁ ଆସିଛନ୍ତି । ନିଜ ମାଲିକାନାରେ ଥିବା ରାଜ୍ୟର ପ୍ରମୁଖ ଦୈନିକ ସମ୍ବାଦପତ୍ର 'ସମ୍ବାଦ'ରେସୌମ୍ୟ ଗତକାଲି ଲେଖିଥିବା ସମ୍ପାଦକୀୟକୁ ନେଇ ରାଜନୀତିକ ହଟଚମଟ ସୃଷ୍ଟି ହେବା ସହ ଶାସକ ବିଜେଡି ବିଭିନ୍ନ ଢଙ୍ଗରେ ତାଙ୍କୁ ଶାଣିତ ସମାଲୋଚନା କରିବା ଜାରି ରଖିଛି । ଆଉ ପିତାଙ୍କ ପ୍ରତି ହେଉଥିବା ଏଭଳି ଆକ୍ରମଣକୁ ଦେଖି ଝିଅ ତନୟା ପଟ୍ଟନାୟକ ଆଗକୁ ଆସିଛନ୍ତି । ଆଜି ଟ୍ୱିଟ୍ ମାଧ୍ୟମରେ ତନୟା କାହାରି ନାଁ ନନେଇ ଏଥର ପୁରସ୍କାର ଆକାରରେ ଏମଏଲଏ ଟିକେଟ୍ ନମିଳିଲେ ଚଳିବ ନାହିଁ ବୋଲି କଟାକ୍ଷ କରିଛନ୍ତି । ଅନ୍ୟପକ୍ଷରେ ସୌମ୍ୟ ନିଜର ସମ୍ପାଦକୀୟରେ ଯାହା ଲେଖିଛନ୍ତି ତାକୁ ବରିଷ୍ଠ ବିଜେପି ନେତା ବିଜୟ ମହାପାତ୍ର ମଧ୍ୟ ସମର୍ଥନ କରିଛନ୍ତି । ସମ୍ବାଦ ଗ୍ରୁପର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ତଥା ସୌମ୍ୟଙ୍କ ଝିଅ ତନୟା ଆଜି ଟ୍ୱିଟ୍ କରି କହିଛନ୍ତି ଯେ " ଗୋଟେ ବିଚରା, ହତଭାଗା ଲୋକକୁ ଏତେ ମାତ୍ରାରେ ବ୍ୟବହାର କରିବା ଆଉ ଠିକ୍ ନୁହେଁ । ମଣିଷ ଆଉ କେତେଦିନ ଯାଏଁ ଉପଦେଶ ଦେବ ନା! ବହୁତ କଷ୍ଟ ଲାଗୁଛି । ଉପଦେଶ ଫୁପଦେଶ ସବୁ ବହୁତ ହେଲା, ଏଥର ପୁରସ୍କାର ଆକାରରେ ଏମଏଲଏ ଟିକେଟ୍ ନମିଳିଲେ ଚଳିବ ନାହିଁ ।" ତନୟା ସ୍ପଷ୍ଟ ଭାବେ କାହା ନାଁ ଉଲ୍ଲେଖ କରିନଥିଲେ ମଧ୍ୟ ଗତକାଲିଠୁ ତାଙ୍କ ପିତାଙ୍କ ପ୍ରତି ବିଜେଡି ନେତା ଓ ବିଜେଡିର ସାଇବର ଆର୍ମିଙ୍କ ଦ୍ୱାରା ହେଉଥିବା କଟୂ ସମାଲୋଚନାକୁ କଡା ଜବାବ ଦେଇ ଏ ଟ୍ୱିଟ୍ କରିଥିବା ଚର୍ଚ୍ଚା ହେଉଛି ।

## ରାଜ୍ୟରେ ଖୋଲିବ ୯୩ଟି ନୂତନ ଆହାର କେନ୍ଦ୍ର, ଏଣିକି ରବିବାର ବି ଖୋଲା ରହିବ ଆହାର କେନ୍ଦ୍ର




ଭୁବନେଶ୍ୱର, ୨୬।୬(ପି.ଏନ): ଆଉ ରବିବାରରେ ଖାଦ୍ୟପାଇଁ ହନ୍ତସନ୍ତ ହେବେନି ଡାକ୍ତରଖାନା ଆସୁଥିବା ଗରିବ । ଏଣିକି ରବିବାରରେ ବି ଡାକ୍ତରଖାନା ପରିସରରେ ଖୋଲା ରହିବ ଆହାର କେନ୍ଦ୍ର । ଏନେଇ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ତରଫରୁ ସମସ୍ତ ମହାନଗର ନିଗମ କମିଶନର ତଥା ସିଟି ଆହାର ସମିତି ସଭାପତି ଏବଂ ଜିଲ୍ଲାପାଳ ତଥା ଜିଲ୍ଲା ଆହାର ସମିତିର ସଭାପତିମାନଙ୍କୁ ଅବଗତ କରାଯାଇଛି । ଏଥିପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ସରକାର । ଏବେ ରାଜ୍ୟରେ ମୋଟ ୧୬୭ଟି ଆହାର କେନ୍ଦ୍ର ରହିଛି । ସେଥିରୁ ୮୨ଟି କେନ୍ଦ୍ର ଡାକ୍ତରଖାନା ପରିସରରେ ରହିଛି ।ଏଥିରୁ ୫୮ଟିରେ ରାତିରେ ମଧ୍ୟ ଖାଦ୍ୟ ମିଳୁଛି । ୮୨ଟି କେନ୍ଦ୍ରରେ ଦୈନିକ ହାରାହାରି ୪୮ହଜାର ଲୋକ ଉପକୃତ ହେଉଛନ୍ତି । ରବିବାର କେନ୍ଦ୍ରଗୁଡିକ ବନ୍ଦ ରହୁଥିବାରୁ ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କ ସମ୍ପର୍କୀୟ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏନେଇ ସ୍ୱାସ୍ଥ୍ୟ ବିଭାଗ ଗୃହ ଓ ନଗର ଉନ୍ନୟନ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲା । ଆବଶ୍ୟକାକୁ ଦୃଷ୍ଟିରେ ରଖି ରବିବାର ମଧ୍ୟ ଡାକ୍ତରଖାନା ପରିସରରେ ଆହାର କେନ୍ଦ୍ରଗୁଡିକ ଖୋଲା ରଖିବା ପାଇଁ ନିଷ୍ପତ୍ତି ହୋଇଛି ।ରାଜ୍ୟରେ ବଢିବ ଆହାର କେନ୍ଦ୍ରର ପରିସର । ଖୋଲିବ ଆଉ ୯୩ଟି ନୂଆ ଆହାର କେନ୍ଦ୍ର । ଏଥିପାଇଁ ଅନୁମୋଦନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ରାଜ୍ୟରେ ଏବେ ୧୬୭ଟି ଆହର କେନ୍ଦ୍ର ଥିବାବେଳେ ୯୩ଟି ନୂତନ କେନ୍ଦ୍ର ହୋଇ ସଂଖ୍ୟା ୨୬୦କୁ ବୃଦ୍ଧି ପାଇବ । ନୂତନ ଭାବେ ପ୍ରତିଷ୍ଠା ହେବାକୁ ଥିବା ସମସ୍ତ ଆହର କେନ୍ଦ୍ର ସମସ୍ତ ପ୍ରାଥମିକ ଓ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅଥବା ନିକଟରେ ଖୋଲାଯିବ । ଏହାଦ୍ୱାରା ଏକ ଲକ୍ଷରୁ ଅଧିକ ଲୋକ ଉପକୃତ ହେବେ ।

## ପକ୍କା ଘର ପ୍ରସଙ୍ଗରେ ମିଛ କହୁଛି ବିଜେଡି : ବିଜେପି

ଭୁବନେଶ୍ୱର, ୨୬।୬(ପି.ଏନ): ସତ, ମିଛ କହି ଓଡିଶାବାସୀଙ୍କୁ ବାରମ୍ବାର ପ୍ରତାରଣା କରିବା ଶାସକ ବିଜୁ ଜନତା ଦଳର ଅଭ୍ୟାସରେ ପରିଣତ ହୋଇସାରିଛି । ନିଜ ମିଛ ଧରାପଡିବା ପରେ ଅନ୍ୟ ମୁଣ୍ଡରେ ଦୋଷ ଲଦି ଦେବାର କୌଶଳ ବିଜେଡିକୁ ଭଲ ଭାବେ ଜଣାଅଛି । ରାଜ୍ୟ ସରକାରଙ୍କ ଅଯୋଗ୍ୟପଣିଆ କାରଣରୁ ରାଜ୍ୟରେ ଲକ୍ଷ ଲକ୍ଷ ଗରୀବ ଲୋକ ପକ୍କା ଘର ପାଇବାରୁ ବଂଚିତ ଅଛନ୍ତି । ବିଜେପି ଯେଉଁ ତଥ୍ୟ ଦେଇଛି ତାହା ଆଦୌ ମନଗଢା ନୁହେଁ; ବରଂ ବିଧାନସଭା, ବିଭାଗୀୟ ଉତର ଏବଂ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଆଧାରିତ ଅଟେ । ବିଜେପିର ତଥ୍ୟ ଯଦି ଭୁଲ, ତାହେଲେ ରାଜ୍ୟ ସରକାର କେମିତି ଠିକ୍ ହେଲେ ବୋଲି ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ ଓଲଟା ପ୍ରଶ୍ନ କରିଛନ୍ତି ।ପକ୍କା ଘର ପାଇବାରୁ ବଂଚିତ ହୋଇଥିବା ଲୋକଙ୍କୁ ତୁରନ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଦିଅନ୍ତୁ ରାଜ୍ୟ ସରକାର । ଚଂଚକତା କରି ନିଜକୁ ଘଂଟ ଘୋଡାଇବା ପାଇଁ ବିଜେଡି ଚେଷ୍ଟା କଲେ, ତାହା ଆଦୌ ବରଦାସ୍ତ କରାଯିବ ନାହିଁ । ମାସକ ଭିତରେ ଏହା କରାନଗଲେ ଯୋଗ୍ୟ ବଂଚିତ ହିତାଧିକାରୀଙ୍କୁ ନେଇ ବିଜେପି ବ୍ଲକ ସ୍ତରରେ ଆନ୍ଦୋଳନ କରିବ ବୋଲି ଶ୍ରୀ ହରିଚନ୍ଦନ ଚେତାବନୀ ଦେଇଛନ୍ତି ।ରାଜ୍ୟ ସରକାରଙ୍କ ଅଯୋଗ୍ୟତା କାରଣରୁ ଦୀର୍ଘ ୩ ବର୍ଷ ଧରି ଗରୀବ ଲୋକଟି ପକ୍କା ଘର ପାଇଁ ଅପେକ୍ଷା କରି ବସିରହିଛି । କେନ୍ଦ୍ର ସରକାର ବାସହୀନଙ୍କ ପାଇଁ ବର୍ଷେ ହେଲା ୯ ଲକ୍ଷ ୫୯ ହଜାର ୫୦୦ ଘର ପଠାଇ ସାରିଥିବାବେଳେ ରାଜ୍ୟ ସରକାର ବର୍ତମାନ ସୁଦ୍ଧା ୱାର୍କ ଅର୍ଡର ଦେବାରେ ବିଫଳ ହୋଇଛନ୍ତି । ୨୦୧୯ରେ ରାଜ୍ୟ ସରକାର ପ୍ରସ୍ତୁତ କରିଥିବା ତାଲିକାରେ ଅନେକ ତ୍ରୁଟି ଥିଲା । ଅଯୋଗ୍ୟ ତାଲିକାଭୁକ୍ତ ଥିଲେ ଏବଂ ଯୋଗ୍ୟ ତାଲିକାରୁ ବାଦ ପଡିଥିବା କଣ ମିଛ ? ରାଜ୍ୟ ସରକାର ଡ୍ରାମା ରଚି ଯେଉଁ ୩-୩ ଥର ସର୍ଭେ କରିଥିଲେ, ତାହା ବିଜେଡି ଦ୍ୱାରା ପ୍ରସ୍ତୁତ କରାଯାଉଥିଲା ନା ସରକାରୀ ଅଧିକାରୀମାନେ ପ୍ରସ୍ତୁତ କରୁଥିଲେ ? ନିର୍ବାଚନ ସମୟରେ "ଭୋଟ ନଦେଲେ ଘର ମିଳିବ ନାହିଁ" ବୋଲି ଶାସକ ବିଜେଡି ଦ୍ୱାରା ପ୍ରଚାର କରାଯାଉନଥିଲା କି ? ୨୦୧୯ରେ ତାଲିକାଭୁକ୍ତ ଥିବା ଯୋଗ୍ୟ ହିତାଧିକାରୀଙ୍କ ନାମ ସଦ୍ୟ ପ୍ରକାଶିତ ତାଲିକାରୁ କାହିଁକି କାଟି ଦିଆଗଲା ? ବିଜେପି ସାଂସଦମାନେ କେନ୍ଦ୍ରରେ ବିଭାଗୀୟ ମନ୍ତ୍ରୀଙ୍କୁ ଭେଟି ଆବଶ୍ୟକୀୟ ପକ୍କା ଘର ଯୋଗାଇ ଦେବା ପାଇଁ ଦାବୀ ଜଣାଇଲେ । ରାଜ୍ୟର ପଂଚାୟତରାଜ ମନ୍ତ୍ରୀ ଓ ସଚିବ ୬ ଲକ୍ଷ ଘର ଦେଲେ ହୋଇଯିବ ବୋଲି ମଧ୍ୟ କହିଥିଲେ । କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ହସ୍ତକ୍ଷେପ ଓ ଅନୁରୋଧ ପରେ ୯,୫୯,୫୦୦ ଘର ମିଳିଲା । ପ୍ରଥମ ପର୍ଯ୍ୟାୟରେ ମିଳିଥିବା ୧୭ ଲକ୍ଷ ପକ୍କାଘର ସମେତ ସର୍ବମୋଟ ଆବଶ୍ୟକୀୟ ୨୭ ଲକ୍ଷ ଘର ଯୋଗାଇ ଦେଲେ କେନ୍ଦ୍ର ସରକାର । ବିଳମ୍ବରେ ହେଲେ ମଧ୍ୟ ବର୍ତମାନ ପ୍ରଦାନ କରାଯାଉଥିବା ପ୍ରତିଟି ପକ୍କା ଘର ୱାର୍କ ଅର୍ଡର ପାଇଁ ବିଜୁ ଜନତା ଦଳ ୨୦ ରୁ ୨୫ ହଜାର ଟଙ୍କା ଚାନ୍ଦା ଆଦାୟ କରୁଛି ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି । ଗରୀବ ବାସହୀନଙ୍କୁ ଭୁଆଁ ବୁଲାଇବା ପାଇଁ ରାଜ୍ୟ ସରକାର "ମୋ ଘର" ଯୋଜନାର ଆରମ୍ଭ କରିଛନ୍ତି, ଯାହାକି ପର ଘର ତିଅଣରେ ଅତିଥି ସତ୍କାର ସଦୃଶ । ଘର ଡିହ ବନ୍ଧା ପକାଇ ଗରୀବ ଲୋକଟି ବ୍ୟାଂକରୁ ଋଣ ନେବ ଏବଂ କିସ୍ତି ଆଧାରରେ ଋଣ ପ୍ରତିଶୋଧ କରିବ । ଏଥିରେ ରାଜ୍ୟ ସରକାରଙ୍କ ଭୂମିକା କଣ ବୋଲି ଶ୍ରୀ ହରିଚନ୍ଦନ ପ୍ରଶ୍ନ କରିଛନ୍ତି ।୨୦୧୬ ମସିହାରୁ ବର୍ତମାନ ଯାଏଁ ହଜାର ହଜାର କୋଟି ଟଙ୍କାର ଦୁର୍ନୀତି ହୋଇଛି ଏବଂ ଏହି ଦୁର୍ନୀତିରେ ଶାସକ ଦଳର ମନ୍ତ୍ରୀ, ନେତା ଓ ବଡ ବଡ ଅଫିସର ମଧ୍ୟ ସାମିଲ ଅଛନ୍ତି । ରାଜ୍ୟ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଲେ ନାହିଁ । ଗୟାପ୍ରସାଦ କମିଟିର ସୁପାରିଶ ଆଧାରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦୁର୍ନୀତିରେ ସଂପୃକ୍ତ ଅଧିକାରୀମାନଙ୍କ ବିରୋଧରେ ରାଜ୍ୟ ସରକାର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ । ଏଭଳି ମହାଦୁର୍ନୀତିର ତଦନ୍ତ ମୁଖ୍ୟମନ୍ତ୍ରୀ ସିବିଆଇ ଦ୍ୱାରା କରାନ୍ତୁ ।ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ରାଜେନ୍ଦ୍ର ପଣ୍ଡା ଓ ରାଜ୍ୟ ଗଣମାଧ୍ୟମ ସହମୁଖ୍ୟ ସୁଜିତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ୩୦ ଜୁନ୍ ଯାଏଁ ବଢିଲା ଯୁକ୍ତ ୨ ଆଡ୍‌ମିଶନ୍ ଆବେଦନ

ଭୁବନେଶ୍ୱର, ୨୬।୬(ପି.ଏନ): ନୂତନ ଭାବେ ସ୍ୱୀକୃତି ପାଇଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟମାନଙ୍କରେ ଛାତ୍ରଛାତ୍ରୀମାନଙ୍କୁ ପାଠ ପଢ଼ିବାର ସୁଯୋଗ ଦେବା ନିମନ୍ତେ ତଥା ଅଭିଭାବକମାନଙ୍କ ଅନୁରୋଧ ଅନୁଯାୟୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏକାଦଶ ଶ୍ରେଣୀ ପାଇଁ www.samsodisha.gov.in ଜରିଆରେ ଆବେଦନ ତାରିଖକୁ ଜୁନ ୨୬ ତାରିଖ ପରିବର୍ତେ ଜୁନ ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ପରିବର୍ତିତ ସୂଚୀ ଅନୁଯାୟୀ ପ୍ରଥମ ମେଧା ତାଲିକା ୨୦୨୩ ଜୁଲାଇ ୬ ତାରିଖ ଦିନ ପ୍ରକାଶ ପାଇବ । ପ୍ରଥମ ପର୍ଯ୍ୟାୟ ଆଡ୍‌ମିଶନ୍ ଯଥାକ୍ରମେ ୨୦୨୩ ଜୁଲାଇ ୭ରୁ ଆରମ୍ଭ ହୋଇ ଜୁଲାଇ ୧୩ ତାରିଖ ମଧ୍ୟରେ ଶେଷ ହେବ । ଦ୍ୱିତୀୟ ମେଧା ତାଲିକା ୨୦୨୩ ଜୁଲାଇ ୧୯ ତାରିଖରେ ପ୍ରକାଶ କରାଯିବା ସହିତ ଏହାର ଆଡ୍‌ମିଶନ୍ ପ୍ରକ୍ରିୟା ଜୁଲାଇ ୨୨ ତାରିଖ ସୁଦ୍ଧା ଶେଷ କରାଯିବ।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୨୬ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

-ପ୍ରକାଶକ








# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେଓ୍ୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେଓ୍ୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା'ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନି ସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## ଆଜିର ଭାଗ୍ୟ

| | |
|---|---|
| ମେଷ | ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତୃ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ। |
| ବୃଷ | ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି। |
| ମିଥୁନ | ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ôଥକ ସ୍ୱଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ। |
| କର୍କଟ | ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ। |
| ସିଂହ | ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। |
| କନ୍ୟା | ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ। |
| ତୁଳା | ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ। |
| ବିଛା | ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ। |
| ଧନୁ | ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ। |
| ମକର | କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ। |
| କୁମ୍ଭ | ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ। |
| ମୀନ | ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ। |

## କୁକୁର ପେଟରେ ଅଜବ ଖାଦ୍ୟ



ଆମେରିକାର ପେଙ୍ଗିସିଲବେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା'ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡ, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ଜୁନ ୨୭

# ଓଡ଼ିଶାରେ ରହିଛି ୩୦୨୯ଟି ଶ୍ରୀଜଗନ୍ନାଥ ମନ୍ଦିର


ବାଦଲ ଭୂୟାଁ

ଶ୍ରୀ ଶ୍ରୀ ଜଗନ୍ନାଥ ସମଗ୍ର ଓଡ଼ିଶାବାସୀଙ୍କ ଆରାଧ୍ୟ ଦେବତା ଭାବେ ପରିଚିତ । ଘରେ ଘରେ ଜଗନ୍ନାଥଙ୍କ ପ୍ରତିମା ଏବଂ ଟୋ ପୂଜା କରାଯାଇଥାଏ । ଏହି ରାଜ୍ୟର ପ୍ରତ୍ୟେକ ବ୍ୟକ୍ତିର ଅନ୍ତରରେ ସ୍ଥାନ ପାଇଥାଆନ୍ତି ଶ୍ରୀ ଜଗନ୍ନାଥ । ଆଉ ଜଗନ୍ନାଥ ଦେଶରେ ଘର ହୋଇଥିବାରୁ ବିପଦ ଆପଦକୁ ଭୟ ନଥାଏ ଓଡ଼ିଶାବାସୀଙ୍କର । ପୁରୀ ଶ୍ରୀମନ୍ଦିର ଜଗନ୍ନାଥଙ୍କ ମୁଖ୍ୟ ମନ୍ଦିର ହୋଇଥିଲେ ସବୁଦିନ ପୁରୀକୁ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସମ୍ଭବ ନୁହେଁ ବୋଲି ସମଗ୍ର ଓଡ଼ିଶାର ୩୦ଟି ଜିଲ୍ଲାରେ ଗଢ଼ି ଉଠିଛି ଅନେକ ଜଗନ୍ନାଥ ମନ୍ଦିର । ପୁରୀକୁ ସିନା ସବୁଦିନ ଯାଇ ପାରିବେ ନାହିଁ ମାତ୍ର ହାତପାଆନ୍ତାରେ ଥିବା ନିଜ ଆପଣାର ଦିଅଁଙ୍କୁ ତ ଆଖି ପୁରେଇ ଦେଖିହେବ । ସେଇଠି ବସି ଚକାଆଖିକୁ ସବୁ ସୁଖ ଦୁଃଖ ଜଣାଇ ହେବ । ନିଜର ଆରାଧ୍ୟ ଦେବତାଙ୍କ ପ୍ରତି ଥିବା ଏହି ଭଲ ପାଇବା ଯୋଗୁଁ ରାଜ୍ୟର କୋଣ ଅନୁକୋଣରେ ଗଢ଼ି ଉଠିଛି ଦିଅଁଙ୍କ ମନ୍ଦିର । ଏକ ଅନୁସନ୍ଧାନରୁ ଜଣାଯାଇଛି ଯେ, ସମଗ୍ର ଓଡ଼ିଶାରେ ଶ୍ରୀ ଜଗନ୍ନାଥଙ୍କର ରହିଛି ୩୦୨୯ଟି ମନ୍ଦିର । ଭକ୍ତିର ଶ୍ରୋତ ଏତେ ପ୍ରଖର ହୋଇଛି ଭକ୍ତଙ୍କ ପାଖରେ ଯେ, ପଥରର ମନ୍ଦିର ତୋଳାଇ ପାରିନି ବୋଲି ହରି ଯାଇନି ଭକ୍ତ । କେଉଁଠି ନଡ଼ା ଛପରର ମନ୍ଦିରରେ ପୂଜା ପାଉଛନ୍ତି ଦିଅଁତ କେଉଁଠି ଟାଇଲ ଛପର ଘରେ ମୂର୍ତ୍ତି ପୂଜା ପାଉଛନ୍ତି ଶ୍ରୀ ଜଗନ୍ନାଥ ।

ଶ୍ରୀ ଜଗନ୍ନାଥ ସଂସ୍କୃତି ବିଶ୍ୱ ବିଦ୍ୟାଳୟର ଗବେଷଣା ଅଧିକାରୀ ଡଃ. ସୁରେନ୍ଦ୍ର କୁମାର ମିଶ୍ର ଦୀର୍ଘ ଦିନ ଧରି ଏ ସମ୍ପର୍କରେ ଗବେଷଣା କରିବା ପରେ ଏହି ତଥ୍ୟ ଲୋକଲୋଚନକୁ ଆଣିଛନ୍ତି । ସବିଶେଷ ତଥ୍ୟ ମିଳିବା ପରେ ଏନେଇ ଏକ ଗ୍ରନ୍ଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରକାଶ ହେବ । ଡଃ. ମିଶ୍ର ପ୍ରକାଶ କରିଛନ୍ତି ଯେ ୩୦ଟି ଜିଲ୍ଲା ମଧ୍ୟରୁ ସବୁଠାରୁ ଅଧିକା ମନ୍ଦିର ଗଞ୍ଜାମ ଜିଲ୍ଲାରେ ଅଧିକ ମନ୍ଦିର ଥିବାବେଳେ ମାଲକାନାଗିରି ମନ୍ଦିରରେ ସବୁଠାରୁ କମ୍ ସଂଖ୍ୟକ ଜଗନ୍ନାଥ ମନ୍ଦିର ରହିଛି । ଏହି ଦୁଇଟି ଜିଲ୍ଲାରେ ଯଥାକ୍ରମେ ୩୩୭ ଓ ୮ଟି ମନ୍ଦିର ରହିଛି । ଏହି କ୍ରମରେ ଦ୍ୱିତୀୟ ସ୍ଥାନରେ ରହିଛି ସମ୍ବଲପୁର ଜିଲ୍ଲା । ଜିଲ୍ଲାରେ ରହିଛି ମୋଟ୍ ୨୭୬ଟି ମନ୍ଦିର । ସମୁଦାୟ ୧୧ଟି ଜିଲ୍ଲାରେ ୧୦୦ରୁ ଊର୍ଦ୍ଧ୍ୱ ଓ କଟକ ଜିଲ୍ଲାରେ ଯଥାକ୍ରମେ ୨୧୬ ଓ ୨୪୪ଟି ଶ୍ରୀଜଗନ୍ନାଥ ମନ୍ଦିର ରହିଛି ।

ସମଗ୍ର ପଶ୍ଚିମ ଓଡ଼ିଶାରେ ସମ୍ବଲପୁର ଜିଲ୍ଲା ପ୍ରଥମ ସ୍ଥାନରେ ରହିଥିବାବେଳେ ଏହା ପଛକୁ ରହିଛି ବଲାଙ୍ଗୀର ଜିଲ୍ଲା । ଏହି ଜିଲ୍ଲାରେ ୧୯୩ଟି ଜଗନ୍ନାଥ ମନ୍ଦିର ରହିଛି । ସେହିପରି ବରଗଡ଼ ଜିଲ୍ଲାରେ ୧୬୮ଟି ମନ୍ଦିର ରହିଥିବାବେଳେ ବୌଦ୍ଧ ଜିଲ୍ଲାରେ ୫୫ଟି ଓ ସୁବର୍ଣ୍ଣପୁର ଜିଲ୍ଲାରେ ୫୭ଟି ମନ୍ଦିର ରହିଛି । ସେହିପରି ଉପକୂଳବର୍ତ୍ତୀ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲା ମଧ୍ୟରୁ ଜଗତ୍‌ସିଂହପୁରରେ ସର୍ବାଧିକ ୧୫୨ଟି, ଯାଜପୁରରେ ୧୨୨ଟି ଓ ବାଲେଶ୍ୱର ଜିଲ୍ଲାରେ ୧୧୪ଟି ମନ୍ଦିର ରହିଥିବାବେଳେ କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲ୍ଲାରେ ୧୦୯ଟି ଜଗନ୍ନାଥ ମନ୍ଦିର ରହିଛି । ପୁରୀ ଶ୍ରୀମନ୍ଦିର ବ୍ୟତୀତ ବିନିକା ଶ୍ରୀଜଗନ୍ନାଥ ମନ୍ଦିର ସର୍ବ ପୁରାତନ । ଏହା ୧୨୩୦ ମସିହାରେ ନିର୍ମିତ ହୋଇଥିବାବେଳେ ପାଟଣାଗଡ଼ ମନ୍ଦିର ୧୩୫୦ ମସିହାରେ ନିର୍ମିତ ହୋଇଥିଲା ବୋଲି ଡଃ. ମିଶ୍ର ପ୍ରକାଶ କରିଛନ୍ତି ।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨*

# ବିଜ୍ଞାନ ଯାହାଙ୍କ ପାଖରେ ହାରମାନେ


ଉମାଶଙ୍କର ପ୍ରସାଦ

ଜଗନ୍ନାଥ ଙ୍କୁ କିଏ କାଠ କହୁ ବା ପଥର ମଣୁ- ତାଙ୍କର ଅଲୌକିକ ଲୀଳାଖେଳା ମହିମା ଓ ମହାତ୍ମ୍ୟ ଅବର୍ଣ୍ଣନୀୟ ହେଲେ ମଧ- ପୁରାଣ ଶାସ୍ତ୍ରର ଉପଦେଶ, ଉପାଖ୍ୟାନ ବା କିମ୍ବଦନ୍ତୀ ଅବିସ୍ମରଣୀୟ । ଆର୍ତ୍ତ, ଜିଜ୍ଞାସୁ, ଅର୍ଥାର୍ଥୀ, ଜ୍ଞାନୀମାନେ ଜଗନ୍ନାଥଙ୍କଠାରୁ ଖାଲି ଫାଇଦା ଉଠାଉ ନାହାନ୍ତି, ତାଙ୍କୁ ପତିତପାବନ, ଦୀନବନ୍ଧୁ, କରୁଣାସାଗର, ଶରଣ ରକ୍ଷକ ଓ ଅଲେଖ ନିରଞ୍ଜନ କହି ସମ୍ବୋଧିତ କରିଥାନ୍ତି । ବିଶେଷତ ଏ କମ୍ପ୍ୟୁଟର ଯୁଗରେ ଅନେକ ଚମକପ୍ରଦ ଘଟଣାମାନ ଘଟୁଛି ଏହାସତ୍ତ୍ୱେ ଭୂମିକମ୍ପ, ବନ୍ୟା, ବାତ୍ୟା, ଅଗ୍ନେୟଗୀରି ବିସ୍ଫୋରଣ, ଋତୁ ପରିବର୍ତ୍ତନ- ଦକ୍ଷିଣାୟନ ଓ ଉତରାୟଣ ଇତ୍ୟାଦି ପ୍ରକୃତି ବକ୍ଷରେ ଅଜୟ ହୋଇ ଐଶ୍ୱରିକ ଶକ୍ତି ବା "ସୁପ୍ରୀମ ପାୱାର" ନିଦର୍ଶନ ହୋଇ ରହିଛି । ସେହି ବିଶ୍ୱନିୟନ୍ତା ଜଗତର ନାଥ ଜଗନ୍ନାଥ ସବୁ ବୈଜ୍ଞାନିକ ପଦ୍ଧତିର ସୃଜନଶୀଳ ଶକ୍ତି ବାମୂଳାଧାର ଅଟେ । ବିଜ୍ଞାନ ଯେତେ ପ୍ରଗତି କଲେ ମଧ ତାଙ୍କ ପାଖରେ ହାର ମାନିଥାଏ ! ତେଣୁ ସେ ରହସ୍ୟାବୃତ୍ତ ଓ ସୃଷ୍ଟିର ଆଧାର । ସେହି ବିଚିତ୍ରସ୍ରଷ୍ଟା ବିଶ୍ୱପାଳକ ଜଗନ୍ନାଥଙ୍କ ମହିମାକୁ ଖାଲି କିମ୍ବଦନ୍ତୀ ଆଖ୍ୟାୟିକା ଦ୍ୱାରା ବଡ ନକରି ବିଭିନ୍ନ 'ଦାଢତ୍ୟାଭକ୍ତିର' ନିଦର୍ଶନରେ ଶ୍ରେଷ୍ଠତ୍ୱ ପ୍ରମାଣିତ ନକରି— ଯାହା ଲୋକମାନେ ନିଜ ଚକ୍ଷୁରେ ଅବଲୋକନ କରିଛନ୍ତି, ଶୁଣିଛନ୍ତି, ଯେଉଁ ଅଲୌକିକ ଘଟଣାମାନ ଘଟିଛି ତାହାହିଁ ଆଜିର ଉଲ୍ଲେଖନୀୟ । ଇନ୍ଦ୍ରଦ୍ୟୁମ୍ନ ମହାରାଜା ବିଷ୍ଣୁଙ୍କ ଦର୍ଶନ ନିମନ୍ତେ ବ୍ୟାକୁଳ ହେବାରୁ – ଶୂନ୍ୟବାଣୀ ହେଲା ହେ ରାଜନ 'ମୁଁ' ନୀଳାଚଳରେ ନୀଳମାଧବ ରୂପରେ ଅଛି' ।

ବିଦ୍ୟାପତି ଙ୍କ ପାଖରୁ ବାର୍ତ୍ତା ପାଇଲେ ରାଜା, ଯେ ବିଶ୍ୱାବସୁ ଶବର ନୀଳକନ୍ଦରରେ ଭଗବାନଙ୍କୁ 'ଇନ୍ଦ୍ର ନୀଳମଣୀ' ଭାବରେ ପୂଜା କରୁଛି । ମାତ୍ର ରାଜା ଇନ୍ଦ୍ରଦ୍ୟୁମ୍ନ ସେଠାରେ ପହଞ୍ଚିଲା ବେଳକୁ ନୀଳମାଧବ ସେଠାରୁ ଅନ୍ତର୍ଦ୍ଧାନ ହୋଇଯିବା ସହ ରାଜାଙ୍କୁ ଶୁନ୍ୟବାଣୀ ହେଲା, ' ହା ରାଜା ତୁମେ ସହସ୍ର ଅଶ୍ୱମେଧ ଯଜ୍ଞ କରି ସହସ୍ର ଧେନୁ ଉତ୍ସର୍ଗ କଲେ ତୁମକୁ ବିଷ୍ଣୁ ଦର୍ଶନ ମିଳିବ । ସେୟାହିଁ ହେଲା । ଏଣେ ରାଜାଙ୍କୁ ପୁନର୍ବାର ଶୁନ୍ୟବାଣୀ ହେଲା ହେ ରାଜା " ତୁମେ ବ୍ୟସ୍ତ ହୁଅନି, ମୁଁ ସ୍ୱଦେହରେ ଆବିର୍ଭାବ ହେବି" । ସେହି ସମୟରେ ନାରଦ ଆବିର୍ଭାବ ହୋଇ କହିଥିଲେ ' ମହୋଦଧି ରେ ଯେଉଁ ଦାରୁବ୍ରହ୍ମ ଭାସିଆସି ଚକ୍ରତୀର୍ଥ ବାଙ୍କିମୁହାଁଣଠାରେ ଆବିଭୂତ ହୋଇଛନ୍ତି ସେହିଁ ବିଷ୍ଣୁଙ୍କୁ ପୂଜାକର' । ତାପରର ପ୍ରତ୍ୟେକ ଟି ଘଟଣା ଅଲୌକିକ ଏବଂ ରହସ୍ୟାବୃତ୍ତ । ଏହା କିମ୍ବଦନ୍ତୀ ହେଉ ବା କବି କଳ୍ପନା ହେଉ-ସେହି ଅପୁର୍ବ ଶକ୍ତିର ଗୋଟିଏ ଦୃଷ୍ଟାନ୍ତ ଏଠାରେ ଉପସ୍ଥାପିତ ନକରି ରହିପାରୁନି । ବେଶୀଦିନ ତଳର କଥା ନୁହେଁ । କିଛି ଦିନର ମାତ୍ର ।—

ସବୁପ୍ରକାର ଉଦ୍ୟମ ବ୍ୟର୍ଥ ହୋଇଥିଲା—କେତେ ଇଞ୍ଜିନିୟର, କେତେ ବିଜ୍ଞାଣୀ, କେତେ ମହାରଣା, କେତେ କାରିଗରଙ୍କ ଅକ୍ଳାନ୍ତ ପରିଶ୍ରମ ଓ ଚେଷ୍ଟା ବିଫଳ ହୋଇଥିଲା । "ପାଦୁକ କୁଣ୍ଡ ନଳା ବାଟ ବନ୍ଦ" ! ତାକୁ ଖୋଲିବା ପାଇଁ ବାଉଁଶ ଗୋଜ, ଲୁହାଛଡ, ଶାବଳ, ନିହାଣ ସବୁ ବ୍ୟର୍ଥ ହେଲା । ଶ୍ରୀମନ୍ଦିର ରତ୍ନସିଂହାସନ ପୋଖରୀଆ ( ଗମ୍ଭୀରା ) ର ପଶ୍ଚିମ ଦିଗରୁ ଗୋଟିଏ ଜଳକଣା ବା ପାଣି ବାଟ ଅଛି । ସମସ୍ତ ଧୂଆ ଧୁଇ ପାଣି ସେହିବାଟେ ପାଦୁକ କୁଣ୍ଡକୁ ଯାଇଥାଏ । ପ୍ରତିଦିନ ଧୂପ, ଅବକାଶ, ସ୍ନାନ, ମହାସ୍ନାନ ପରେ ଗମ୍ଭୀର ଧୂଆ (ଶୋଧ) ହୁଏ । ସେ ସମସ୍ତ ଧୂଆ ଧୋଇ ପାଣି ପାଦୁକ କୁଣ୍ଡକୁ ସେହି କଣା ବାଟେ ବୋହିଯାଏ । କ'ଣ ହେଲା କେଜାଣି ସେ ବାଟଟି ଅଚାନକ ବନ୍ଦ ହୋଇଗଲା । ଦିନେ ଓଳିଏ ନୁହେଁ ୫୭ ଦିନ ବିତିଗଲା । ସେବକ ମାନଙ୍କର, ଯନ୍ତ୍ରୀ ମାନଙ୍କର ସମସ୍ତ ଉଦ୍ୟମ ବ୍ୟର୍ଥ ହେଲା । ଏ ଖବର ଗଜପତି ମହାରାଜା ଙ୍କ କାନକୁ ଯିବାକ୍ଷଣି ସେ ଜିଲ୍ଲାପାଳ ଙ୍କୁ କହିଲେ ଯେ କୌଣସି ପ୍ରକାରରେ ଜଳାବାଟକୁ ସରକାରୀ ଚେଷ୍ଟାଦ୍ୱାରା ଖୋଲିବାକୁ । ଏଣେ ପୋଖରୀଆ (ଗମ୍ଭୀରା) ଭିତରେ ପାଣି ଜମିବା ଯୋଗୁ ମହାପ୍ରଭୁଙ୍କ ସେବା କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ହେଲା । ସରକାର ବଡ ବଡ ଇଂଜିନିୟର ମାନଙ୍କୁ ପଠାଇ ନୀରିକ୍ଷଣ କଲେ , ମାତ୍ର କିଛି ମଧ କଳନା କରିପାରି ନଥିଲେ । ନଳା ଖୋଲିବାକୁ କହିବାରୁ କାରିଗର କହିଥିଲେ ଶ୍ରୀମନ୍ଦିର କାନ୍ଥର ଚଉଡା ସାତ ହାତ । ଅନେକ କହିଲେ ମନ୍ଦିର କାନ୍ଥରୁ ଖଣ୍ଡେ ପଥର ଖସି ନଳାମୁହଁ ବନ୍ଦ ହୋଇଛି, ଆଉ ଅନେକ କହିଲେ ନାଁ ସେପରି ହେବାର କୌଣସି ଆଶଙ୍କା ନାହିଁ । ଏପରି ଯୁକ୍ତି ତର୍କ ସାର ହେଲା ସିନା କୌଣସି ସମାଧାନ ହୋଇପାରିନଥିଲା । ସମସ୍ତ ସେବକ, ପୁଜାପଣ୍ଡା, ପୁଷ୍ପାଳକ ସିଂହାରୀ, ବିଓରଛ, ତଲୁଛ, ପଟ୍ଟଯୋଶୀ , ଗରାବଡୁ ଓ ପତ୍ରବଡୁ ସମସ୍ତେ ଅତି କାତର କଣ୍ଠରେ କହୁଥାନ୍ତି 'ପ୍ରଭୁହେ ତୋତେ ହିଁ ତୁହି ରକ୍ଷାକର' । ଅନେକ ଏହାକୁ ଅନ୍ୟାୟ ଅନୀତିର ଫଳ କହୁଥିବା ବେଳେ, କେତେକ ଏହାକୁ ଅମଙ୍ଗଳ ସୂଚକ ବୋଲି କହୁଥାନ୍ତି ।

କେତେ କୁଶଳୀ କାରିଗର, ଇଂଜିନିୟର, ବିଶେଷଜ୍ଞ ଓ ପ୍ରତ୍ନତତ୍ତ୍ୱବିତ ଙ୍କ କୌଶଳ ପରାହତ ହେଲା । ଶେଷରେ ରାଜା ଙ୍କ ସମେତ ସମସ୍ତେ ଅତି କାତର କଣ୍ଠରେ କହିଲେ:- ସର୍ବେ ହୋଇଣ ଏକମୁଖ / ଡାକିଲେ ନାରାୟଣ ରଖ' । କୁଆଡେ ଗଲା ସେ ବିଜ୍ଞାନର ଅଗ୍ରଗତି ? ବୈଜ୍ଞାନିକ ମାନଙ୍କର ଅହମିକା ? ସମସ୍ତେ କହିଲେ ଏହା କେବଳ ସେହି ଲୀଳାମୟ ଜଗନ୍ନାଥଙ୍କର ଲୀଳା । ସେ ଦିନର ସକାଳର ସୂର୍ଯ୍ୟ ମହୋଦଧି ଚୁମ୍ବି ନୀଳଚକ୍ର ଦର୍ଶନ କଲେଣି । ଶ୍ରୀମନ୍ଦିରରେ ମଙ୍ଗଳ ଆଳତୀ , ସୂର୍ଯ୍ୟପୁଜା, ହୋମ ଓ ବଲ୍ଲଭ ସରିଥାଏ । ଆକାଶ ନିର୍ମଳ, ମେଘ ବରଷାର କୌଣସି ଆଭାସ ନଥାଏ ।—ହଠାତ୍ ଶ୍ରୀମନ୍ଦିର ଭିତରେ ମୁକ୍ତିମଣ୍ଡପ ଛାତରୁ ଓହ୍ଲାଇ ଆସିଲା ପରି ଏପରି ଏକ ବଜ୍ରପାତ ହେଲା ଯେ— ସେ ବଜ୍ରବାଣ ଦକ୍ଷୀଣଦ୍ୱାର ଦେଇ ଗମ୍ଭୀରାରେ ପଶି ସେହି ବନ୍ଦଥିବା ନଳା ବାଟେ ପାଦୁକାନଳା ଦେଇ ଚାଲିଗଲା ! ସତେ ଯେପରି ଇନ୍ଦ୍ର ଦେବତା ବଜ୍ରବାଣ ନିକ୍ଷେପ କରି ବନ୍ଦ ଥିବା ନଳା ମୁହଁକୁ ଖୋଲିଦେଲେ । ଅଚାନକ ଭାବରେ ଚଡ ଚଡି ମାରି ଗୋଟିଏ ନିଆଁହୁଳା ତୀର ଭଳି ଗମ୍ଭୀରାରେ ପ୍ରବେଶକରି ସେହି ପାଣିନଳା ବାଟଦେଇ ବାହାରକୁ ଚାଲିଗଲା ଓ ନିମିଷକ ମଧ୍ୟରେ ନଳାବାଟ ଖୋଲିଯାଇ ଜମିଥିବା ସମସ୍ତ ପାଣି ଆଖି ପିଛୁଳାକେ ଗଡି ଯାଇଥିଲା ! ସତେ ଯେପରି ଜଗନ୍ନାଥଙ୍କ ଆଜ୍ଞାରେ ବଜ୍ରବାଣ ଆସି ନଳାମୁହଁ ଖୋଲିଦେଲା ! ଏହା ଏକ ଗପ ନୁହେଁ ସତ୍ୟ ଘଟଣା । ତେଣୁ ଭାଗବତ କହେ-" ହେ ନାଥ ଜଗତ ଈଶ୍ୱର, ସଂସାର ତୋର ଖେଳ ଘର । ତୁହି ଜଗତ ଜନ ଗୁରୁ ଭକତ ବାଂଛା କଳ୍ପତରୁ ॥ ତୋର ଆଜ୍ଞାରେ ଆଖଣ୍ଡଳ, ରବି ଶଶାଙ୍କ ଦିଗପାଳ ॥ ସଂସାର ପାଳୁଛନ୍ତି ନିତ୍ୟେ, ତୋର ଆଜ୍ଞାରେ ଯେଝାମତେ ॥ ଯେଣୁ ତୁ ଜଗତ ଈଶ୍ୱର, ସମସ୍ତେ ତୋର ପରିଚାର ॥ ଶେଷରେ ଏ ଅଧମ ଲେଖକ ଏତିକି କହିବ ସମୟ ଯାହା ପାଖରେ ବନ୍ଧା ତା ପଖରେ ବିଜ୍ଞାନ ହାର ମାନିବାଟା କିଛି ବଡ କଥା ନୁହେଁ !

ଭଗତ ଲେନ୍, ମେନରୋଡ ଖୋର୍ଦ୍ଧା
ମୋ-୬୩୭୦୬ ୭୫୫୬୨୦

# କର୍ମ ହିଁ ଭଗବାନ


ବିଚିତ୍ରାନନ୍ଦ ପ୍ରଧାନ

ବିହିତ କର୍ମ କରିବା ଏକ ସୁମହତ ଓ ବାଞ୍ଛନୀୟ ସୁଗୁଣ, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ଏହାର ଉପକାରିତା ଅଶେଷ । ଯେ କର୍ତ୍ତବ୍ୟ କରନ୍ତି ଓ ଯାହାଙ୍କ ପ୍ରତି କର୍ତ୍ତବ୍ୟ କରାଯାଏ ଏଥିରେ ଉଭୟେ ଉପକୃତ ହୁଅନ୍ତି । କର୍ମମୟ ଜୀବନ ମଧ୍ୟରେ କେଉଁ କର୍ମ କରଣୀୟ ଓ କେଉଁଟି ଅକରଣୀୟ ତାହା ଶାସ୍ତ୍ରରେ ଉଲ୍ଲେଖ ହୋଇ ରହିଅଛି । ସୁକର୍ମ ଶୃଙ୍ଖଳାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଏଥିରେ ଆଳସ୍ୟ ଓ ଅବହେଳାର ସ୍ଥାନ ନାହିଁ । ଏହାର ମହୋପକାରିତା ସର୍ବବାଦୀ ସମ୍ମତ । ମନୁଷ୍ୟର କର୍ତ୍ତବ୍ୟ ସର୍ବଦା ନୈତିକ ଭିତ୍ତି ଉପରେ ପ୍ରତିଷ୍ଠିତ ଥିବାରୁ ତାହା ସମାଜ ଓ ଦେଶ ପାଇଁ କଲ୍ୟାଣକାରୀ ହୋଇଥାଏ । ଏହାଦ୍ୱାରା ମନୁଷ୍ୟର ଚିତ୍ତ ଓ ହୃଦୟ ନିର୍ମଳ ଆନନ୍ଦରେ ଭରି ଉଠେ ଓ ମୁଖ ମଣ୍ଡଳରେ ଦିବ୍ୟ ଜ୍ୟୋତିର ଆହ୍ଲାଦ ପ୍ରସ୍ଫୁଟିତ ହୁଏ । ଯାହା ପ୍ରତି ନିଷ୍ଠାର ସହ କର୍ତ୍ତବ୍ୟ କରାଯାଏ । ସେ ମଧ୍ୟ ଅସରା ଆନନ୍ଦରେ ଉଦବେଳିତ ହୋଇଉଠେ । ଦେଶର ପ୍ରତ୍ୟେକ ବ୍ୟକ୍ତି କର୍ତ୍ତବ୍ୟ ପରାୟଣ ହେଲେ ଦେଶ ଓ ଜାତି ଅବିଳମ୍ବେ ଋଦ୍ଧିମନ୍ତ ହୋଇ ଉଠିବ । ଭୂପୃଷ୍ଠରେ ଥିବା ବିଭିନ୍ନ ଦେଶ ପରସ୍ପର ମଧ୍ୟରେ ସୁସମ୍ପର୍କ ରକ୍ଷା କରି ନ୍ୟାୟୋଜିତ କର୍ମ କଲେ ପୃଥିବୀରୁ ଯୁଦ୍ଧ, ବିଗ୍ରହର ଭୟ ଅନ୍ତର୍ହିତ ହୋଇଯିବ ଓ ଦେଶ ଦେଶ ମଧ୍ୟରେ ବନ୍ଧୁତ୍ୱର ଭାବ ପ୍ରରିପ୍ରକାଶ ହୋଇପାରିବ । ସୁକର୍ମର ଉପକାରିତା ପ୍ରତ୍ୟେକ କ୍ଷେତ୍ରରେ ଶାନ୍ତି ପ୍ରତିଷ୍ଠା କରିଯାଏ ଓ ଜୀବନରେ ସୁଖ ଓ ସମୃଦ୍ଧି ଭରି ଦେଇଥାଏ । କେବଳ ବ୍ୟକ୍ତି ସମଷ୍ଟି ପ୍ରତି ମନୁଷ୍ୟର କର୍ତ୍ତବ୍ୟ ରହିଅଛି, ତାହାନୁହେଁ ନିଜ ପ୍ରତି ମଧ ମନୁଷ୍ୟର କର୍ତ୍ତବ୍ୟ ରହିଅଛି । ତେଣୁ ନିଜର ସ୍ୱାସ୍ଥ୍ୟ, ଶିକ୍ଷା ଓ ନିଜ ଆତ୍ମାର ପବିତ୍ରତା ରକ୍ଷା ପାଇଁ ପ୍ରତି ପ୍ରତ୍ୟେକ ମନୁଷ୍ୟ ସଚେତନ ହେବା ଆବଶ୍ୟକ । ଇଂରାଜୀରେ ପ୍ରବଚନ ଅଛି, ଡ୍ୟୁଟି ଇଜ ଗଡ଼ ଅର୍ଥାତ କର୍ତ୍ତବ୍ୟ ହିଁ ଭଗବାନ । ଏଥିପାଇଁ ନିଷ୍ଠା ଓ ପବିତ୍ରତା ସହିତ ପ୍ରତ୍ୟେକ କର୍ମ ସମାହିତ କରିବା ବିଧେୟ । ଶ୍ରୀମଦ୍ ଭାଗବତ ପୁରାଣରେ ଶ୍ରୀ ବ୍ୟାସଦେବ ଭକ୍ତି, ଜ୍ଞାନ, ଶରଣାପନ୍ନ ହେବା ପାଇଁ କେତେକ ସୁକର୍ମ ସୁନିର୍ଦ୍ଦିଷ୍ଟ କରିଯାଇଛନ୍ତି । ତାହାହେଲା ପ୍ରତିଦିନ ଭାଗବତ ପାଠ କରିବା, ଈଶ୍ୱର ଚିନ୍ତନ କରିବା, ତୁଳସୀର ଯତ୍ନ ନେବା, ସୃଷ୍ଟିକର୍ତ୍ତା ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଶ୍ରୀ ବ୍ୟାସଦେବଙ୍କ ଭାଗବତ ପୁରାଣ ବର୍ଣ୍ଣିତ ଏହି ଚାରିଗୋଟି କର୍ମ ନିତ୍ୟ ନିୟମିତ ଭାବରେ କରିବା ଦ୍ୱାରା ମନୁଷ୍ୟ ଜୀବନ ଧନ୍ୟ ହୁଏ । ମାନସିକ ଶାନ୍ତି ମିଳିଥାଏ । ଦୁଃଖ, କ୍ଲେଷ ଦୂର ହୋଇଯାଏ । ଗୀତାରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କ୍ଷେତ୍ରୀୟ କର୍ମ କରିବାକୁ ବୁଝାଇଥିଲେ । ମହାଭାରତ ଧର୍ମ ଯୁଦ୍ଧରେ କେଉଁ କର୍ମ କରଣୀୟ ଓ କେଉଁ କର୍ମ ଅକରଣୀୟ ତାହା ଉପଦେଶ ମାଧ୍ୟମରେ ଶିକ୍ଷା ଦେଇଥିଲେ ଓ ପରିଶେଷରେ ଅର୍ଜୁନଙ୍କୁ ଜ୍ଞାନ ଶିକ୍ଷା ଦେବା ସମୟରେ ଭଗବାନ ବିଶ୍ୱରୂପ ଦର୍ଶନ କରାଇଥିଲେ । ଏହାପରେ ଅର୍ଜୁନ କର୍ମର ସମସ୍ତ ତତ୍ତ୍ୱ ଜାଣି ମହାଭାରତ ଯୁଦ୍ଧରେ ଅସ୍ତ୍ର ଧରିବାକୁ ମନସ୍ଥିର କରିଥିଲେ ଓ ଶ୍ରୀକୃଷ୍ଣଙ୍କ କଥିତ ମତେ ରଥରେ ବସି ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇଥିଲେ । ଏହି ଧର୍ମଯୁଦ୍ଧ ଜୟ କରିବାକୁ ଶ୍ରୀକୃଷ୍ଣ ପାଣ୍ଡବ ମାନଙ୍କର ପକ୍ଷ ନେଇଥିଲେ । ମହାଭାରତ ଯୁଦ୍ଧରେ ଧର୍ମର ଜୟ ହୋଇଥିଲା ଓ ପାଣ୍ଡବମାନେ ଜୟ ଲାଭ କରିଥିଲେ । ଏଣୁ ନିଜର ଆପଦ, ବିପଦରୁ ରକ୍ଷା ପାଇଁ ଓ ପରିବାରର ମଙ୍ଗଳ ସାଧନା ପାଇଁ ମନୁଷ୍ୟ ଭଗବାନଙ୍କ ଆଶ୍ରିତ ହୋଇ ମନ ପ୍ରାଣ ଦେଇ ପ୍ରାର୍ଥନା କଲେ ମନୁଷ୍ୟ ମଧ୍ୟରେ ଅପାର ଶକ୍ତି ବୃଦ୍ଧି ପାଏ ଓ କର୍ମ ପ୍ରେରଣା ଜାଗ୍ରତ ହୁଏ । ସମସ୍ତ କର୍ତ୍ତବ୍ୟ ମଧ୍ୟରେ ପରମପିତା ପରମେଶ୍ୱରଙ୍କର ଅଭିପ୍ରାୟ ନିହିତ । ତେଣୁ ସମର୍ପଣ ଭାବ ନେଇ ବିହିତ କର୍ମ କଲେ, ସୁଫଳ ମିଳିବା ସହିତ ଜୀବନର ସଦଗତି ପ୍ରାପ୍ତି ହେବ । ଏହା ସତ୍ୟ ଯେ ସମସ୍ତ ଜନହିତକର କର୍ମ କରିବାରେ ସର୍ବମୟ ସୃଷ୍ଟିକର୍ତ୍ତାଙ୍କର ଅଦୃଷ୍ଟ ଅଭୀପସା ରହିଥାଏ । ମନୁଷ୍ୟ ଦୁର୍ନୀତି ଗ୍ରସ୍ତ ହୋଇ କୁକର୍ମ କଲେ ଦେଶରେ ବିଶୃଙ୍ଖଳା ସୃଷ୍ଟି ହେବା ଫଳରେ ନାନା ଅଶାନ୍ତି, ଉପଦ୍ରବ, ଅସାମାଜିକତା ଦେଖାଦେଇଥାଏ । ମନୁଷ୍ୟ ମାନଙ୍କର ବ୍ୟକ୍ତିଗତ ନିରାପତ୍ତା ସଂଶୟାକୁଳ ହୋଇଥାଏ । ବେଳେ ବେଳେ ବ୍ୟକ୍ତିମାନେ ନିଜ କର୍ତ୍ତବ୍ୟକୁ ବିନା ଦ୍ୱିଧା ଏଡ଼ି ଦେଇ କର୍ତ୍ତବ୍ୟ ପରିବର୍ତ୍ତେ ଅକର୍ତ୍ତବ୍ୟ ସାଧନ କରିବାରେ ଯତ୍ନଶୀଳ ହୁଅନ୍ତି । ବହୁ ସମୟରେ ମନୁଷ୍ୟ ଆଳସ୍ୟ ପରାୟଣ ହୋଇ କୌଣସି କର୍ମ କରିବାକୁ ଅନିଚ୍ଛା ପ୍ରକାଶ କରିଥାଏ । କର୍ମ ନକଲେ ମନୁଷ୍ୟ ନିଜେ ଆତ୍ମନିର୍ଭରଶୀଳ ହୋଇପାରେ ନାହିଁ । ଅନ୍ୟର କର୍ମରେ ସେ ନିର୍ଭରଶୀଳ ହୋଇଥାଏ । କର୍ମ ବିମୁଖ ବ୍ୟକ୍ତିମାନଙ୍କ ସଂଖ୍ୟା ଦେଶରେ ବୃଦ୍ଧି ହେଲେ ଦେଶର ପ୍ରଗତି ଓ ବିକାଶ ବାଧାପ୍ରାପ୍ତ ହୁଏ । ମନୁଷ୍ୟ କର୍ମ କରିବା ସମୟରେ ମନ ମଧ୍ୟରେ ଦୃଢ଼ତା ଓ ରୂଢ଼ତା ପରିହାର କରିବା ଉଚିତ । ନିଜର କର୍ତ୍ତବ୍ୟ ଓ କର୍ମକୁ ନିରାପଦ ରଖିବା ନିମିତ୍ତ ବୁଦ୍ଧି ଓ କୌଶଳ ଆବଶ୍ୟକ । ବିଶିଷ୍ଟ ବ୍ୟକ୍ତି ଓ ମହାପୁରୁଷ ମାନଙ୍କ ଜୀବନୀ ଆଲୋଚନା କଲେ ଆମେ ଜାଣିପାରିବା ଯେ ସେମାନେ ବାଲ୍ୟ କାଳରୁ କର୍ତ୍ତବ୍ୟ ପରାୟଣ ଥିଲେ ଏବଂ ତାହା ହିଁ ସେମାନଙ୍କର ଭବିଷ୍ୟତ ଉନ୍ନତିର ସର୍ବପ୍ରଧାନ ସମ୍ବଳ ଥିଲା । ଏଣୁ ସାଧାରଣ ଜୀବନ ଯାତ୍ରାରେ ପ୍ରତ୍ୟେକ ବ୍ୟକ୍ତି ନିଜର କର୍ତ୍ତବ୍ୟ ବୁଝି ସେହି ଅନୁଯାୟୀ କର୍ମ କରିବା ବାଞ୍ଛନୀୟ । କର୍ତ୍ତବ୍ୟ ପରାୟଣ ଭଳି ଅନୁପମ ସୁଗୁଣର ଅଭ୍ୟାସ କରି ପାରିଲେ ନିଜର ବ୍ୟକ୍ତିଗତ ଉନ୍ନତି କରିବା ସଙ୍ଗେ ସଙ୍ଗେ ଦେଶ, ଜାତି ଓ ସମଗ୍ର ମନୁଷ୍ୟ ସମାଜର ହିତ ସାଧନ ହୋଇପାରିବ । ମନୁଷ୍ୟ ମାନଙ୍କର ବ୍ୟକ୍ତିଗତ ନିରାପତ୍ତା, ଶିଳ୍ପ, ବାଣିଜ୍ୟ, ସାହିତ୍ୟ ଓ ଦର୍ଶନ କଳା ଓ ବିଜ୍ଞାନର ଅଗ୍ରଗତି ସହିତ ଦେଶର ପ୍ରଗତି ଓ ବିକାଶ ହୋଇପାରିବ । କର୍ତ୍ତବ୍ୟ ପରାୟଣତା ଦ୍ୱାରା ବ୍ୟକ୍ତିର ଶାରୀରିକ, ମାନସିକ ଓ ନୈତିକ ଉନ୍ନତି ହୋଇଥାଏ । ସମଭାବାପନ୍ନ ମହତ କର୍ମ କରିବା ଦ୍ୱାରା ଦେଶରେ ଶାନ୍ତି ଓ ମୈତ୍ରୀ ପ୍ରତିଷ୍ଠା ହେବାରେ ସହାୟକ ହୋଇଥାଏ ।

*ପ୍ଲଟ ନଂ ୩ଇ/୫୦୯, ସେକ୍ଟର-୯, ସି.ଡି.ଏ କଟକ
ଦୂରଭାଷ :୯୯୩୭୨୨୪୦୮୫*

# ବ୍ୟାପୁଛି ମଧୁମେହ : ବଢୁଛି ରୋଗୀଙ୍କ ସଂଖ୍ୟା


ଗୋପାଳ ମହାପାତ୍ର

ନିକଟରେ ଇଂଲଣ୍ଡରୁ ପ୍ରକାଶିତ ମେଡ଼ିକାଲ ଜର୍ଣ୍ଣାଲ ଲେସେଣ୍ଟରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଭାରତରେ ମଧୁମେହ (ଡାଇବେଟିସ୍) ରୋଗିଙ୍କ ସଂଖ୍ୟା ୧୦କୋଟିରୁ ଅଧିକ ହୋଇଗଲାଣି । ୪ ବର୍ଷ ତଳେ ଏହିରୋଗୀଙ୍କ ସଂଖ୍ୟା ଯାହାଥିଲା ତାର ୪୪ ପ୍ରତିଶତ ଏଇ ୪ ବର୍ଷ ମଧ୍ୟରେ ବୃଦ୍ଧି ପାଇଛି । ଆଇ.ସି.ଏମ୍.ଆର୍ ପକ୍ଷରୁ ଏ ପ୍ରସଙ୍ଗରେ କରାଯାଇଥିବା ଅଧ୍ୟୟନରୁ ଜଣାପଡ଼ିଛି ଯେ ପ୍ରି ଡାଇବେଟିସ୍ ବା ଯେଉଁମାନେ ଏହି ରୋଗରେ ଆକ୍ରାନ୍ତ ହେବାକୁ ଯାଉଛନ୍ତି ଅନ୍ୟ ଅର୍ଥରେ ଯେଉଁମାନଙ୍କଠାରେ ଏହି ରୋଗର ଲକ୍ଷଣ ଜଣାପଡୁଛି ସେମାନଙ୍କ ସଂଖ୍ୟା ସାଢ଼େ ତେର କୋଟିରୁ ଅଧିକ ଯାହା ଦେଶର ବର୍ତ୍ତମାନ ଜନସଂଖ୍ୟାର ୧୫ ପ୍ରତିଶତରୁ ଅଧିକ । ଅନ୍ୟପକ୍ଷରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁସାରେ ସାରା ବିଶ୍ୱରେ ପ୍ରତିବର୍ଷ ମଧୁମେହ ବା ଡାଇବେଟିସ ରୋଗରେ ପାଖାପାଖି ୪୦ ଲକ୍ଷ ଲୋକଙ୍କର ମୃତ୍ୟୁ ହେଉଛି । ଭାରତକୁ ଏକ ଯୁବା ଦେଶ ବୋଲି କୁହାଯାଉଛି କାରଣ ଦେଶରେ ଯୁବ ସଂଖ୍ୟା ଅଧିକ । କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଭାରତରେ ଯୁବପିଢ଼ୀ ଅଧିକ ଭାବରେ ଏହି ରୋଗରେ ଆକ୍ରାନ୍ତ ହେଉଛନ୍ତି । ଏହି ତଥ୍ୟ ଗୁରୁତ୍ୱପୂର୍ଣ୍ଣ ନିଶ୍ଚୟ । ସ୍ୱର୍ଶକାତର କଥା ହେଉଛି ୨୦ରୁ ୩୫ ବର୍ଷର ଯୁବକମାନେ ଅଧିକ ଭାବେ ମଧୁମେହ ରୋଗରେ ପୀଡ଼ିତ ହେଉଛନ୍ତି । ଏଣୁ ମଧୁମେହ ବା ଡାଇବେଟିସ୍ ଏକ ସମସ୍ୟା ଭାବେ ଉଭାହେଲାଣି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ କହୁଛି ଯେ ୧୮ବର୍ଷରୁ କମବୟସର ପିଲାଙ୍କ ମଧ୍ୟରୁ ୨୨ ପ୍ରତିଶତ ମେଦବହୁଳତାର ଶିକାର ହେଉଛନ୍ତି । ଏ ପ୍ରସଙ୍ଗରେ କୁହାଯାଇଛି ଯେ ଜୀବନଚର୍ଯ୍ୟାରେ ବ୍ୟତିକ୍ରମ ହିଁ ମଧୁମେହ ରୋଗର ପ୍ରମୁଖ କାରଣ । ବ୍ୟାୟାମ ନକରିବା ଏପରିକି ଶାରୀରିକ ପରିଶ୍ରମରୁ ଦୂରେଇ ରହିବା, ଉଚ୍ଚ କ୍ୟାଲୋରୀର ଖାଦ୍ୟ ଖାଇବା, ଅଧିକ ମିଠା ଖାଇବା ମଧ ଏହି ରୋଗର ଅନ୍ୟତମ କାରଣ । ତାହେଲେ ପାଶ୍ଚାତ୍ୟ ଶୈଳୀକୁ ଆପଣେଇ ଆମେ କ'ଣ ରୋଗକୁ ଆମନ୍ତ୍ରଣ କରୁଛେ ? ଖାଦ୍ୟ ବିଶେଷଜ୍ଞମାନଙ୍କ ମତରେ ସ୍ୱାସ୍ଥ୍ୟପାଇଁ ସେ ସବୁ ଜିନିଷ ଠିକ୍ ଯାହା ଆମ ଆଖପାଖରେ ମିଳିଥାଏ । ଫଳ, ପନିପରିବା, ଖାଦ୍ୟଶସ୍ୟର ପ୍ରକୃତି ଯାହା ଆମ ଶରୀରର ପ୍ରକୃତି ମଧ ଠିକ୍ ସେୟା । ଶରୀର ପାଇଁ ଫାଷ୍ଟଫୁଡ୍ ଆଦୌ ଠିକ୍ ନୁହେଁ । ସେହିଭଳି ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ବ୍ୟବହାର କରିବା ଦ୍ୱାରା ବାହାରର ପ୍ରାକୃତିକ ବାୟୁ ପାଇବାରୁ ଆମେ ବଞ୍ଚିତ ହେଉଛେ । ନୂଆ ନୂଆ ପ୍ରକାରର ପାନୀୟ ଏବଂ ଆମ ପରିବେଷରେ ଉତ୍ପନ୍ନ ହେଉନଥିବା ଫଳ (ଖାଦ୍ୟପଦାର୍ଥ) ବାବଦରେ କୌଣସି ପରୀକ୍ଷା ନୀରିକ୍ଷା ନ କରି ଆମେ ତାକୁ ଗ୍ରହଣ କରିନେଉଛେ । ବଜାରରେ ଉପଲବ୍ଧ ଅନେକ ପ୍ରକାରର ପ୍ୟାକେଟ ଖାଦ୍ୟ ଏବଂ ଫାଷ୍ଟଫୁଡ୍ ମଧ ଆମେ ବ୍ୟବହାର କରୁଛେ ଯାହା ସ୍ୱାସ୍ଥ୍ୟ ଉପରେ ବିପରିତ ପ୍ରଭାବ ପକାଇ ଥାଏ । ଭାରତରେ ମଧୁମେହ, ଏାଇଟି ଡିଜଅର୍ଡ଼ର, ଅବସାଦ ଭଳି ଜୀବନଶୈଳୀ ସଂବନ୍ଧିତ ରୋଗ ବିଶେଷ ଭାବରେ ସହରାଞ୍ଚଳରେ ଅଧିକ ଦେଖାଯାଉଛି । ମଧୁମେହ ଭଳି ଅବସାଦ ଓ ମାନସିକ ଚାପ ମଧ ଯୁବକ ମାନଙ୍କଠାରେ ଅଧିକ ଭାବେ ଦେଖିବାକୁ ମିଳୁଛି । ଏବେ ଗ୍ରାମାଞ୍ଚଳରେ ମଧ ଏସବୁ ରୋଗ ବ୍ୟାପିଲାଣି ଓ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଲାଣି । ବିଶ୍ୱସ୍ତରୀୟ ରିପୋର୍ଟ ଅନୁସାରେ ବିଶ୍ୱର ଅନ୍ୟଦେଶମାନଙ୍କ ଅପେକ୍ଷା ଭାରତରେ ଅଧିକ ମଧୁମେହ ରୋଗୀ ଅଛନ୍ତି । ଭାରତର ୩୧ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶମାନଙ୍କ ବାବଦରେ ମେଡ଼ିକାଲ ଜର୍ଣ୍ଣାଲ ଲେସେଣ୍ଟରେ ପ୍ରକାଶ ପାଇଛି । ଗୋଆ, ପୁଡୁଚେରି, କେରଳ, ଚଣ୍ଡଗଡ଼, ଦିଲ୍ଲୀ, ତାମିଲନାଡୁ ଓ ପଶ୍ଚିମବଙ୍ଗ, ସିକିମ୍, ପାବ ଏବଂ ହରିଆଣାରେ ମଧୁମେହ ରୋଗୀଙ୍କ ସଂଖ୍ୟା ଅଧିକ । ଓଡ଼ିଶାରେ ମଧ ଏହି ରୋଗ ବ୍ୟାପିବାରେ ଲାଗିଛି । ୨୦୧୬ର ସରକାରୀ ତଥ୍ୟ ଅନୁସାରେ ଅଧିକ ମଧୁମେହ ରୋଗୀ ଥିବା ଦେଶର ୨୦ଟି ଜିଲ୍ଲା ମଧ୍ୟରେ ରହିଥିଲା ଖୋର୍ଦ୍ଧା ଜିଲ୍ଲା ଏବଂ କଟକ ଜିଲ୍ଲା । ୨୦୨୦ ଡିସେମ୍ବର ମାସରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଓଡ଼ିଶାରେ ୪.୨ନିୟୁତ ମଧୁମେହ ରୋଗୀ ଥିଲେ । ଏଣୁ ଏବେ ଏମାନଙ୍କ ସଂଖ୍ୟା ବଢ଼ିଯିବଣି ନିଶ୍ଚୟ । ୨୦୨୧ରେକେନ୍ଦ୍ର ସରକାରଙ୍କ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନ୍ ଏଫ୍ ଏଚ୍ ଏସ୍) ଯେଉଁ ରିପୋର୍ଟ ପ୍ରକାଶ କରିଥିଲେ ତାହା ଉଦବେଗ ଜନକ । ରିପୋର୍ଟ ଅନୁସାରେ ଓଡ଼ିଶାର ପ୍ରତି ୪ଜଣ ପୁରୁଷଙ୍କ ମଧ୍ୟରୁ ଜଣେ ମଧୁମେହ ଓ ଅବସାଦଗ୍ରସ୍ତ ରୋଗୀ ହୋଇଥିବା ବେଳେ ପ୍ରତି ୫ଜଣ ମହିଳାଙ୍କ ମଧ୍ୟରେ ଜଣେ ଏଭଳି ରୋଗୀ ଅଛନ୍ତି । ଏହି ରିପୋର୍ଟ ଅନୁସାରେ ରାଜ୍ୟର ୧୫ବର୍ଷର ୨୫.୫ ପ୍ରତିଶତ ପୁଅ ଏବଂ ୨୨.୪ ପ୍ରତିଶତ ପ୍ରତିଶତ ଝିଅ ଉଚ୍ଚରକ୍ତଚାପ ରୋଗର ଶୀକାର । ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନଙ୍କ ଅନୁସାରେ ମଧୁମେହ ଏକ ସାଇଲେଣ୍ଟ କିଲର ବା ଅନ୍ୟ ଅର୍ଥରେ ଧିରେ ଧିରେ ମଣିଷକୁ ମୃତ୍ୟୁମୁଖକୁ ଟାଣି ନେଉଥିବା ରୋଗ ।

ଦେଶରେ ମଧୁମେହ ରୋଗୀଙ୍କ ସଂଖ୍ୟା ଦିନ ପ୍ରତିଦିନ ବଢ଼ିବାରେ ଲାଗିଛି । ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସବୁ ବୟସର ଲୋକଙ୍କୁ ଆକ୍ରାନ୍ତ କରୁଛି ଏହି ରୋଗ । ସୁସ୍ଥବ୍ୟକ୍ତିର ଖାଇବା ପୂର୍ବର ରକ୍ତରେ ଗ୍ଲୁକୋଜ ସ୍ତର ୭୦ରୁ ୧୦୦ ଏମ୍.ଜି.ଡିଏଲ୍ ରହିଥାଏ । ଖାଇବା ପରେ ଏହି ସ୍ତର ୧୨୦ରୁ ୧୪୦ଏମ୍.ଜି.ଡିଏଲ୍ ହୋଇଯାଇଥାଏ ଏବଂ ଏହା ଧିରେ ଧିରେ କମିଯାଇଥାଏ । କିନ୍ତୁ ମଧୁମେହ ରୋଗ ହେଲେ ଏହିସ୍ତର ବଢ଼ିଯାଇଥାଏ । ଏକ ଦଶନ୍ଧି ପୂର୍ବରୁ ଭାରତରେ ମଧୁମେହ ରୋଗ ୪୦ବର୍ଷ ବା ତା ଠାରୁ ଅଧିକ ବୟସର ଲୋକଙ୍କୁ ହେଉଥିଲା । କିନ୍ତୁ ଏବେ ସବୁ ବୟସର ଲୋକଙ୍କୁ ଆକ୍ରାନ୍ତ କରୁଛି । ବିଶେଷଜ୍ଞ ମାନଙ୍କ ମତରେ ୨୦୩୦ ବେଳକୁ ଭାରତର ମଧୁମେହ ରୋଗୀଙ୍କ ସଂଖ୍ୟା ୫୫କୋଟିରୁ ଅଧିକ ହୋଇଥିବ । କେନ୍ଦ୍ର ସରକାର ଏକଥାକୁ ଗୁରୁତ୍ୱର ସହ ବିଚାର କରିବା ଉଚିତ୍ ନ ହେଲେ ଆଗାମୀ କିଛି ବର୍ଷ ପରେ ଭାରତ ଏକ ରୋଗୀଙ୍କ ଦେଶରେ ପରିଣତ ହୋଇଯିବ । ମଧୁମେହର ଚିକିତ୍ସା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ । ଅନେକ ବିଶେଷଜ୍ଞଙ୍କ ମତରେ ଜୀବନଚର୍ଯ୍ୟା ଠିକ୍ ରହିଲେ ଏହି ରୋଗ ପାଖ ମାଡ଼ି ପାରିବ ନାହିଁ । ମଧୁମେହ ରୋଗକୁ ବିଲୋପ କରାଯାଇ ନ ପାରିଲେ ମଧ ଏହାକୁ ନିୟନ୍ତ୍ରଣ କରାଯାଇ ପାରିବ । ଏହାର ନିୟନ୍ତ୍ରଣ ପାଇଁ ଅନେକ ଚିକିତ୍ସା ରହିଛି କିନ୍ତୁ ପ୍ରାକୃତିକ ଚିକିତ୍ସା ଏଥିପାଇଁ ଅଧିକ ଉପାଦେୟ । ଯୋଗ ମଧ ମଧୁମେହକୁ ନିୟନ୍ତ୍ରଣ କରିପାରେ । ପ୍ରାଣାୟାମ, ବ୍ୟାୟାମ ଓ ଆସନ ଦ୍ୱାରା ମଧ ମଧୁମେହକୁ ନିୟନ୍ତ୍ରଣ କରାଯାଇପାରିବ ।

*ରାମଚନ୍ଦ୍ରପୁର, ରଣପୁର,
ମୋ.- ୯୪୩୮୪୮୫୦୯୪*

# ଓଡ଼ିଆ ସିନେମାରେ ବର୍ଷା


ଅଭୟ କୁମାର ଦାସ

୨୦୦୮ରେ ମୁକ୍ତିଲାଭ କରିଥିବା ସବୁଠାରୁ ଲୋକପ୍ରିୟ ସିନେମାର ସିନେପ୍ରେମୀଙ୍କ ପ୍ରିୟ ଗୀତ ଥିଲା 'ନେଇ ଯାରେ ମେଘ ମୋତେ' । ବର୍ତ୍ତମାନ ସୁଦ୍ଧା ଓଡ଼ିଆ ସିନେମାରେ ବର୍ଷାର ନାଁର ସ୍ୱର୍ଶ ରହିଥିବା ଛଅଟି ଚଳଚ୍ଚିତ୍ର ମୁକ୍ତିଲାଭ କରିଛି । ସର୍ବପ୍ରଥମେ ୧୯୭୦ରେ ଅଦିନ ମେଘ ପରେ ୧୯୭୬ରେ ଶେଷ ଶ୍ରାବଣ, ୧୯୮୦ରେ ମେଘମୁକ୍ତି, ୨୦୦୪ରେ ବର୍ଷା ମାଇଁ ଡ଼ାର୍ଲିଙ୍ଗ, ୨୦୦୮ରେ ନେଇଯାରେ ମେଘ ମୋତେ ଓ ସର୍ବଶେଷ ଫିଲ୍ମଟି ହେଉଛି ୨୦୧୦ରେ ମୁକ୍ତିଲାଭ କରିଥିବା ମେଘ ସବାରିରେ ଆସିବ ଫେରି । ତେବେ ସିନେମାରେ ବର୍ଷା କାହାଣୀକୁ ଲେଖିଲା ବେଳେ ମନେପଡୁଛି ୧୯୫୯ ମସିହାର ପୌରାଣିକ କାହାଣୀର ଚଳଚ୍ଚିତ୍ର ମହାଲକ୍ଷ୍ମୀ ପୂଜା । ଏହି ଚଳଚ୍ଚିତ୍ରରେ ବର୍ଷାର ସ୍ୱର୍ଶ ରହିଥିବା ଗୀତଟି ଥିଲା 'ଆକାଶରେ କେତେ ବିଜୁଳି ଚମକେ' । ସେହିପରି ୧୯୬୨ରେ ରିଲିଜ୍ ହୋଇଥିବା ଲକ୍ଷ୍ମୀ ଚିତ୍ରର ଏକ ବର୍ଷା ଭିଜା ଗୀତ ଥିଲା 'ବାରିଦରେ ତୁ ଜାଆନା' ସେଥିରେ କଣ୍ଠଦାନ କରିଥିଲେ ମହମ୍ମଦ ସିକନ୍ଦର ଆଲାମ୍ । ତେବେ ୧୯୬୮ର ଅରୁନ୍ଧତୀ ଚଳଚ୍ଚିତ୍ରର ଦୁଇଟି ବର୍ଷା ଗୀତ କାଳଜୟୀ ହୋଇ ରହିଛି ସେଗୁଡ଼ିକ ହେଉଛି 'ମେୟୁରୀ ଗୋ ତୁମ ଆକାଶେ ମୁଁ ଦିନେ....' ଓ 'ଆଜି ମୁଁ ଶ୍ରାବଣୀ ଲୁହର ହରିଣୀ...' ତେବେ ଏହାର ସ୍ୱତନ୍ତ୍ରତା ହେଉଛି ଆଜି ମୁଁ ଶ୍ରାବଣୀରେ ଗାଇଥିଲେ ବିଶିଷ୍ଟ କୋକିଳକଣ୍ଠୀ ଗାୟିକା ଭାରତରତ୍ନ ଲତାମଙ୍ଗେସ୍‌କର । ତେବେ ୧୯୭୯ର ବଳୀଦାନ ଗୀତର ଲୋକପ୍ରିୟ ବର୍ଷା ଗୀତଟି ହେଉଛି 'ନେଇଯାରେ ମେଘ ମୋତେ, ଦେ ଛାଡ଼ି ସେ ଦେଶେ ମୋ ପ୍ରିୟା ପାସେ...' । ପ୍ରଫୁଲ୍ଲ କରଙ୍କ ରଚିତ ଏହି ଗୀତରେ କଣ୍ଠ ଦେଇଥିଲେ ପ୍ରଖ୍ୟାତ ଗାୟିକା ଏସ୍.ଜାନକୀ । ସେହିପରି ୧୯୮୧ର ହୀରାମୋତି ମାଣିକର ବର୍ଷା ଗୀତଟି ଥିଲା 'ରୁମ୍ ଝୁମ୍ ନୁପୁର ବାଜେ ଭିଜିଲେ ଭାରି ଭଲ ଲାଗେ...' ଯାହାକୁ ଗାଇଥିଲେ ପ୍ରଣବ ପଟ୍ଟନାୟକ ଓ ବାଣୀଜୟରାମ । ୧୯୮୨ର ମୁଁ ତୁମେ ଓ ସେର ବର୍ଷା ଗୀତଟି ଥିଲା 'ବର୍ଷାରେ ଭିଜିବାକୁ ତୁମକୁ ଭାରି ଭଲ ଲାଗେନା' ଯାହା ଯେଉଁଥିରେ କଣ୍ଠ ଦେଇଥିଲେ ଗୀତା ଦାଶ ଓ ପ୍ରଣବ ପଟ୍ଟନାୟକ । ୧୯୮୪ରେ ସୁପରହିଟ ହୋଇଥିବା ଡୋରା ଫିଲ୍ମର ବର୍ଷା ଗୀତ ଥିଲା 'ଟପ୍ ଟପ୍ ଝିପି ଝିପି ଝର ଝର ଝମ୍ ଝମ୍ ବରଷାରାଣୀର ପାଉଁଜି ଛମ ଛମ..' । ସେହିପରି ୧୯୮୬ରେ ମୁକ୍ତିଲାଭ କରିଥିବା ଚଳଚ୍ଚିତ୍ର କସ୍ତୁରୀର ବର୍ଷା ଗୀତଟି ଥିଲା 'ବର୍ଷା ନାଚରେ...' । ନବେ ଶଦକର ଦୁଇଟି ଚଳଚ୍ଚିତ୍ର ଭିତରେ ୧୯୯୦ର କଣ୍ଢେଇରେ ବେଶ୍ ହୃଦୟସ୍ପର୍ଶୀ ବର୍ଷା ଗୀତଟି ଥିଲା 'ମେଘରୁ ବରସା....' । ଏଥିରେ କଣ୍ଠ ଦେଇଥିଲେ ସୁଭାଷ ଦାସ ଓ ଅନୁରାଧା ପଟୱାଲ । ତେବେ ୧୯୯୧ର ପାରିବାରିକ କାହାଣୀର ଫିଲ୍ମ କିହେବ ଶୁଆ ପୋଷିଲେର ଭଲ ବର୍ଷା ଗୀତଟି ଥିଲା 'ବର୍ଷା ପଡ଼ିଲାଣି କେମିତି ଯିବା, ଯିବା କଥା ଆମେ ପରେ ଭାବିବା' । ୧୯୯୪ରେ ମୁକ୍ତିଲାଭ କରିଥିବା ଗୋପରେ ବଢୁଛି କଳାକହ୍ନେଇ, ୧୯୯୬ର ସୁନାପୁଅ, ୧୯୯୭ରେ ରିଲିଜ ହୋଇଥିବା ଜୀବନସାଥୀ ଓ ୧୯୯୯ର ପ୍ରେମ ବନ୍ଧନର ସିନେମା ଭିତରୁ ସୁନାପୁଅର ବର୍ଷା ଗୀତଟି ଥିଲା 'ଝରୁଛି ବରସା ଟୁପୁରୁ ଟୁପୁରୁ ଗରଜେ ମେଘ ଘୁମ୍ ଘୁମ୍' ଓ ସେହି ପରି ପ୍ରେମବନ୍ଧନ ସିନେମାର ବର୍ଷା ଗୀତ 'ରିମିଝିମି ରିମିଝିମି ବର୍ଷାବେଳେ' ତେବେ ପରବର୍ତ୍ତୀ ସମୟରେ ଚଳଚ୍ଚିତ୍ରରେ ବର୍ଷା ଗୀତର ପ୍ରାସାଙ୍ଗିକତା ନଥିଲେ ବି ସିନେମାକୁ ବ୍ୟବସାୟିକ ସଫଳତା ଦେବାପାଇଁ ନିର୍ଦ୍ଦେଶକମାନେ ନୂଆ ନାୟିକାଙ୍କ ସହ ନାୟକଙ୍କ ଭିନ୍ନ ଭିନ୍ନ ଟ୍ରେଣ୍ଡର ବର୍ଷା ଗୀତ ରଖି ବେଶ୍ ଲୋକପ୍ରିୟ ହେବାପାଇଁ ଚେଷ୍ଟା କରିଛନ୍ତି । ୨୦୦୭ରେ ତୁମକୁ ପାରୁନି ତ ଭୁଲି ସିନେମାର ବର୍ଷା ଗୀତ ଶୀର୍ଷକ ଲେଖାଟି ଥିଲା 'ବରଷା... ଏ ବରଷା.... ଦେହରେ ଲଗାଏ କି ଛୁଆଁ' ସେହିଭଳି ୨୦୦୮ରେ ମୁକ୍ତିଲାଭ କରିଥିବା ସତ୍ୟମେବ୍ ଜୟତେର ଭିଜା ବର୍ଷାର ଗୀତଟି ଥିଲା 'ରାତିର ଛାତିରେ ଆଜି ବର୍ଷାର ତାତି...' ସେହିବର୍ଷ ମୁକ୍ତିଲାଭ କରିଥିବା ଚଳଚ୍ଚିତ୍ର ଆଇଲାରେ ଓଡ଼ିଆ ପୁଅରେ ସେହି ଧରଣର ଗୀତଟି ଥିଲା 'ଚୁପ୍‌ଚାପ୍ ବର୍ଷା ଝରେ, ଚୁପ୍ ଚାପ ନିଆଁ ଜଳେ...' ୨୦୦୯ର ଚଳଚ୍ଚିତ୍ର ପାଗଳ କରିଚି ପାଉଁଜି ତୋରର ଗୀତ 'ରିମିଝିମି ରିମିଝିମ୍ ବର୍ଷା ଝରେ....' ୨୦୧୦ର ଚଳଚ୍ଚିତ୍ର ପ୍ରେମ ଅଢ଼େଇ ଅକ୍ଷର ଗୀତ 'ମେଘରୁ ତୁ ଝରିଲୁ ନା ଫୁଲରୁ ତୁ ଫୁଟିଲୁ...' ଏବଂ ୨୦୧୧ର ଚଳଚ୍ଚିତ୍ର ହିରୋର ଗୀତ 'ମୁଁ ତୋର ହିରୋ ଗୋରୀ...' ପ୍ରଭୃତି । ଏତଦ୍‌ବ୍ୟତୀତ ୨୦୧୦ରେ ନିର୍ମିତ ରବୀନ୍ଦ୍ର ମୋହନ ସାହୁଙ୍କ ଆଲୋ ମୋର କଣ୍ଢେଇ ଏକ ଗୀତର ବର୍ଷା ଦୃଶ୍ୟରେ ଅଭିନୟ କରିଥିଲେ ଆକାଶ ଓ ପ୍ରିୟା । ମୁମ୍ବାଇର ହଲିଉଡ, ବଲିଉଡ ଜଗତକୁ ଦେଖି ପ୍ରଥମେ ପ୍ରଥମେ ଓଡ଼ିଆ ପ୍ରଯୋଜକମାନେ ବର୍ଷା ଗୀତ ଚଳଚ୍ଚିତ୍ରରେ ରଖୁଥିଲେ କିନ୍ତୁ ପରବର୍ତ୍ତୀ ସମୟରେ ନୂଆ ଟେକ୍‌ନିକ୍ ସହ କାହାଣୀର ଚାହିଦାକୁ ଦେଖି ବର୍ଷା ଗୀତକୁ ନେଇ ଯେଉଁ ସିନେମାରେ ଭରପୁର ମସଲା ରହୁଛି ତାହା ନିଶ୍ଚିନ୍ତ ଭାବେ ସଫଳ ବି ହେଉଛି । ବ୍ୟବସାୟିକ ଦୃଷ୍ଟିକୋଣରୁ ଦେଖିଲେ ବର୍ଷା ଗୀତର ସୁଟିଂ ପାଇଁ ଲୋକେସନ୍, ଷ୍ଟାରକାଷ୍ଟ ଓ ଖର୍ଚ୍ଚ ସବୁ ଅଧିକ ଲାଗୁଥିଲେ ବି ସିନେମାରେ ନୂଆ ଟ୍ରେଣ୍ଡ ଭାବେ ବର୍ଷା ଗୀତର ଦୃଶ୍ୟାବଳୀ ସିନେପ୍ରେମୀଙ୍କୁ ହଲ୍‌କୁ ଅଧିକ ଭାବରେ ଟାଣୁଛି ।

*ଗୋଟରା, ମାହାଙ୍ଗା, କଟକ,
ଦୂରଭାଷ : ୯୪୩୭୧୪୨୭୧୭*




# ଜୁନ ୨୭ ରେ ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ କରିବ କଂଗ୍ରେସ

କେନ୍ଦ୍ରାପଡ଼ା, (ପି.ଏନ):- କେନ୍ଦ୍ରାପଡା ବ୍ଲକ ଓ ନଗର କଂଗ୍ରେସର ଏକ ମିଳିତ ବୈଠକରେ ଚଳିତ ମାସ ୨୭ତାରିଖରେ ଟାଟା ବିଦ୍ୟୁତ୍ ବିତରଣ କମ୍ପାନୀ କାର୍ଯ୍ୟାଳୟ ଗେରଉ କରିବା ନିଷ୍ପତି ନୀଆଯିବା ସହ ଆଗାମୀ ଜୁଲାଇ ୧୪ରେ କେନ୍ଦ୍ରାପଡା ବ୍ଲକ ଘେରାଉ କରାଯିବା ନିଷ୍ପତି ନିଆଯାଇଛି । ଘନ ଘନ ବିଜୁଳି କାଟ ଓ ଅହେତୁକ ବିଜୁଳି ଦର ପ୍ରତିବାଦରେ ପିସିସି ସଭାପତି ଶରତ ପଟ୍ଟନାୟକ ଆହ୍ୱାନରେ ଜିଲ୍ଲା କଂଗ୍ରେସ ତରଫରୁ ଆସନ୍ତା ଜୁନ୍ ୨୭ ତାରିଖ କେନ୍ଦ୍ରାପଡା ନଗର ଓ ବ୍ଲକ କଂଗ୍ରେସ ତରଫରୁ ଶତାଧିକ କଂଗ୍ରେସ କର୍ମୀ ସାମିଲ ହୋଇ ଏହି କର୍ଯ୍ୟକ୍ରମକୁ ସଫଳ କରିବାକୁ ବୈଠକରେ ନିଷ୍ପତି ନିଆଯାଇଛି । ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ବ୍ଲକ ଓ ନଗର କଂଗ୍ରେସର ଯୋଗଦେଇ କହିଥିଲେ ଯେ ରାଜ୍ୟସରକାରଙ୍କ ବିଜୁଳି ବିଭାଗର ଅପାରଗତା ଓ ଦାୟିତ୍ୱହୀନତା ଯୋଗୁଁ ରାଜ୍ୟ ତଥା କେନ୍ଦ୍ରାପଡା ବାସୀ ହନ୍ତସନ୍ତ ହେଉଛନ୍ତି । ନିରବଚ୍ଛିନ ତଥା ଉନ୍ନତମାନର ବିଜୁଳି ଯୋଗାଣର ପ୍ରତିଶ୍ରୁତି ସମ୍ପୂର୍ଣ୍ଣ ଅର୍ଥହୀନ ହୋଇପଡିଛି । ଏଥି ସାଙ୍ଗକୁ ସରକାରଙ୍କ ଖାଉଟି ଶୋଷଣ ନୀତି ଯୋଗୁଁ ପୂର୍ବ ସଂଗ୍ରେସ ସରକାର ଅମଳରେ ଥିବା ବିଜୁଳି ଦର ବର୍ତମାନ ୨୫୦ ପ୍ରତିଶତ ବୃଦ୍ଧି ପାଇଛି । ଏହାର ଦୃଢ ପ୍ରତିବାଦ ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଏକାନ୍ତ ଆପରିହାର୍ଯ୍ୟ । ବହୁ ସଂଖ୍ୟାରେ ସାମିଲ ହୋଇ କଂଗ୍ରେସ ବନ୍ଧୁମାନେ ଜୁନ୍ ୨୭ ଟାଟା ଅଫିସ ଘେରାଉ ଆନ୍ଦୋଳନ ସଫଳ କରିବାକୁ ନିବେଦନ କରିଥିଲେ । କେନ୍ଦ୍ରାପଡା ବିଡିଓଙ୍କ ମନମୁଖୀ ସାସନ ଓ ବିଭିନ୍ନ ହିତାଧିକାରୀ ଯୋଜନାରେ ହିତାଧିକାରୀଙ୍କୁ ଆଖିବୁଜା ଶୋଷଣ ଓ ରାଜନୈତିକ ବାଛବିଚାରରେ ଦଳିୟ କର୍ମୀଙ୍କୁ ଶୋଷଣର ପ୍ରତିବାଦ ପାଇଁ ବ୍ଲକ ଘେରାଉ ଆନ୍ଦୋଳନ କଂଗ୍ରେସ ପାଇଁ ଏକାନ୍ତ ଅପରିହାର୍ଯ୍ୟ ହୋଇପଡିଛି । ସୁତରାଂ ଜୁଲାଇ ୧୪ କେନ୍ଦ୍ରାପଡା ବ୍ଲକ ଘେରାଉ କାର୍ଯ୍ୟକ୍ରମକୁ ପ୍ରଭାବଶାଳୀ ଢଙ୍ଗରେ କରିବାକୁ ଶ୍ରୀ ବେହେରା ମତ ରଖିଥିଲେ । ଏହି ବୈଠକରେ ପୂର୍ଭତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଜିଲ୍ଲା କଂଗ୍ରେସ ଉପ ସଭାପତି ପ୍ରଫୁଲ୍ଲ ଦାସ, ମୁକ୍ତାର ଖାଁ, ନାରାୟଣ ପରିଡା, ରତିକାନ୍ତ ସାମଲ, ବୈକୁଣ୍ଠ ନାଥ ସେନାପତି, ଅଜୟ ପ୍ରଧାନ, ପ୍ରଭାତ କୁମାର ଉଡାନ ସିଂ, ବାବାଜୀ ଚରଣ ମଲ୍ଲିକ, ଅନନ୍ତ କୁମାର ସାହୁ, ସନ୍ତୋଷ ବେହେରା, ଲକ୍ଷ୍ମୀଧର ପଲାଇ, ଉମାଶଙ୍କର ଜେନା ପ୍ରମୁଖ ଆଲୋଚନାରେ ଭାଗନେଇ ଜୁନ ୨୭ ଟାଟା କାର୍ଯ୍ୟାଳୟ ଓ ଜୁଲାଇ ୧୪ କେନ୍ଦ୍ରାପଡା ବ୍ଲକ ଘେରାଉ କାର୍ଯ୍ୟକ୍ରମ ସଫଳ କରିବାକୁ ପରାମର୍ଶ ଦେଇଥିଲେ।

# ଜୁଲାଇ ୧୪ରେ କଂଗ୍ରେସର କେନ୍ଦ୍ରାପଡା ବ୍ଲକ ଘେରାଉ ନିଷ୍ପତି

କେନ୍ଦ୍ରାପଡ଼ା, (ପି.ଏନ): ଆଜି କେନ୍ଦ୍ରାପଡା ବ୍ଲକ ଓ ନଗର କଂଗ୍ରେସର ଏକ ମିଳିତ ବୈଠକରେ ଆଗାମୀ ଜୁଲାଇ ୧୪ରେ କେନ୍ଦ୍ରାପଡା ବ୍ଲକ ଘେରାଉ କରାଯିବା ନିଷ୍ପତି ନିଆଯାଇଛି । ନଗର କଂଗ୍ରେସର ସଭାପତି ରାଜେଶ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ଚୟନରେ ଚଂଚକତା କରି ଯୋଗ୍ୟ ହିତାଧିକାରୀଙ୍କୁ ବଂଚିତ କରିବା, ରାଜ୍ୟ ମଧୁବାବୁ ଭତା ଯୋଜନାରେ ନୂଆ ହିତାଧିକାରୀଙ୍କୁ ସାମିଲ ନକରିବା, ଯୋଗ୍ୟ ପରିବାରକୁ ରାସନ କାର୍ଡ ନମିଳିବା, ପ୍ରତ୍ୟେକ କାର୍ଯ୍ୟରେ ଆଖିବୁଜି ପିସି ଖାଇବା ପ୍ରସଙ୍ଗରେ ବ୍ଲକ ଅଫିସ ଘେରାଉ କରିବାକୁ ସର୍ବ ସମ୍ମତି ନିଷ୍ପତି ନିଆଯାଇଥିଲା । ଘନ ଘନ ବିଜୁଳି କାଟ ଓ ଅହେତୁକ ବିଜୁଳି ଦର ପ୍ରତିବାଦରେ ପିସିସି ସଭାପତି ଶରତ ପଟ୍ଟନାୟକ ଆହ୍ୱାନରେ ଜିଲ୍ଲା କଂଗ୍ରେସ ତରଫରୁ ଆସନ୍ତା ଜୁନ୍ ୨୭ ତାରିଖ କେନ୍ଦ୍ରାପଡା ନଗର ଓ ବ୍ଲକ କଂଗ୍ରେସ ତରଫରୁ ଶତାଧିକ କଂଗ୍ରେସ କର୍ମୀ ସାମିଲ ହୋଇ ଏହି କର୍ଯ୍ୟକ୍ରମକୁ ସଫଳ କରିବାକୁ ବୈଠକରେ ନିଷ୍ପତି ନିଆଯାଇଛି । ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ବ୍ଲକ ଓ ନଗର କଂଗ୍ରେସର ଯୋଗଦେଇ କହିଥିଲେ ଯେ ରାଜ୍ୟସରକାରଙ୍କ ବିଜୁଳି ବିଭାଗର ଅପାରଗତା ଓ ଦାୟିତ୍ୱହୀନତା ଯୋଗୁଁ ରାଜ୍ୟ ତଥା କେନ୍ଦ୍ରାପଡା ବାସୀ ହନ୍ତସନ୍ତ ହେଉଛନ୍ତି । ନିରବଚ୍ଛିନ ତଥା ଉନ୍ନତମାନର ବିଜୁଳି ଯୋଗାଣର ପ୍ରତିଶ୍ରୁତି ସମ୍ପୂର୍ଣ୍ଣ ଅର୍ଥହୀନ ହୋଇପଡିଛି । ଏଥି ସାଙ୍ଗକୁ ସରକାରଙ୍କ ଖାଉଟି ଶୋଷଣ ନୀତି ଯୋଗୁଁ ପୂର୍ବ ସଂଗ୍ରେସ ସରକାର ଅମଳରେ ଥିବା ବିଜୁଳି ଦର ବର୍ତମାନ ୨୫୦ ପ୍ରତିଶତ ବୃଦ୍ଧି ପାଇଛି । ଏହାର ଦୃଢ ପ୍ରତିବାଦ ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଏକାନ୍ତ ଆପରିହାର୍ଯ୍ୟ । ବହୁ ସଂଖ୍ୟାରେ ସାମିଲ ହୋଇ କଂଗ୍ରେସ ବନ୍ଧୁମାନେ ଜୁନ୍ ୨୭ ଟାଟା ଅଫିସ ଘେରାଉ ଆନ୍ଦୋଳନ ସଫଳ କରିବାକୁ ନିବେଦନ କରିଥିଲେ । କେନ୍ଦ୍ରାପଡା ବିଡିଓଙ୍କ ମନମୁଖୀ ସାସନ ଓ ବିଭିନ୍ନ ହିତାଧିକାରୀ ଯୋଜନାରେ ହିତାଧିକାରୀଙ୍କୁ ଆଖିବୁଜା ଶୋଷଣ ଓ ରାଜନୈତିକ ବାଛବିଚାରରେ ଦଳିୟ କର୍ମୀଙ୍କୁ ଶୋଷଣର ପ୍ରତିବାଦ ପାଇଁ ବ୍ଲକ ଘେରାଉ ଆନ୍ଦୋଳନ କଂଗ୍ରେସ ପାଇଁ ଏକାନ୍ତ ଅପରିହାର୍ଯ୍ୟ ହୋଇପଡିଛି । ସୁତରାଂ ଜୁଲାଇ୧୪ କେନ୍ଦ୍ରାପଡା ବ୍ଲକ ଘେରାଉ କାର୍ଯ୍ୟକ୍ରମକୁ ପ୍ରଭାବଶାଳୀ ଢଙ୍ଗରେ କରିବାକୁ ଶ୍ରୀ ବେହେରା ମତ ରଖିଥିଲେ । ଏହି ବୈଠକରେ ପୂର୍ଭତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଜିଲ୍ଲା କଂଗ୍ରେସ ଉପ ସଭାପତି ପ୍ରଫୁଲ୍ଲ ଦାସ, ଜିଲ୍ଲା ଆଇଏନଟିୟୁସି ସଭାପତି ମୁକ୍ତାର ଖାଁ, ଜିଲ୍ଲା କିଷାନ କଂଗ୍ରେସ ସଭାପତି ନାରାୟଣ ପରିଡା, ବିଧାନ ସଭା ଯୁବ କଂଗ୍ରେସ ସଭାପତି ରତିକାନ୍ତ ସାମଲ, ପ ।ୟତ ସଭାପତି ବୈକୁଣ୍ଠ ନାଥ ସେନାପତି, ଫଂଚାୟତ ସଭାପତି ଅଜୟ ପ୍ରଧାନ, ପୂର୍ବତନ ସରପଂଚ ପ୍ରଭାତ କୁମାର ଉଡାନ ସିଂ, ପୂର୍ବତନ ସରପଂଚ ବାବାଜୀ ଚରଣ ମଲ୍ଲିକ, ବ୍ଲକ କିଷାନ କଂଗ୍ରେସ ସଭାପତି ଅନନ୍ତ କୁମାର ସାହୁ, କିଷାନ କଂଗ୍ରେସ ନେତା ସନ୍ତୋଷ ବେହେରା, ପୂର୍ବତନ ସମିତି ସଭ୍ୟ ଲକ୍ଷ୍ମୀଧର ପଲାଇ, ଜିଲ୍ଲା କଂଗ୍ରେସ କୋଷାଧକ୍ଷ ଉମାଶଙ୍କର ଜେନା ପ୍ରମୁଖ ଆଲୋଚନାରେ ଭାଗନେଇ ଜୁନ ୨୭ ଟାଟା କାର୍ଯ୍ୟାଳୟ ଓ ଜୁଲାଇ ୧୪ କେନ୍ଦ୍ରାପଡା ବ୍ଲକ ଘେରାଉ କାର୍ଯ୍ୟକ୍ରମ ସଫଳ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ଜ୍ଞାନ ରଞ୍ଜନ ସାହୁ, ଜୟପ୍ରକାଶ ସ୍ୱାଇଁ, ନରେଶ ଜେନା, ସଞ୍ଜିବ ବିଶ୍ୱାଳ, କାଉଁସିଲର ଚାନ୍ଦ ବାବୁ, ସୁଭାଷ ଚନ୍ଦ୍ର ମାହାଳିକ, କଳାକାର ମଲ୍ଲିକ, ବିଶ୍ୱ କେଶରୀ ଜେନା, ସେକ ନିସାର, କଳ୍ପତରୁ ଦାସ, ବ୍ରହ୍ମାନନ୍ଦ ଭଦ୍ର, ଦୟାନିଧି ପରିଡା, ପର୍ଶୁରାମ ପରିଡା, ଚନ୍ଦନ ସାହୁ, ଅନ୍ତର୍ଯ୍ୟାମୀ ପରିଡା, ସୁଜୟ ଦାସ, ଜନ୍ମେଜୟ ରାଉତ, ନିରଞ୍ଜନ ପରିଡା ଓ ହିମାଂଶୁ ବେହେରା ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ।

# ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲଓ୍ୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଟାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ଲେନ ମେସିନ ମାଧମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି। ୦.୩ ମିଟର ହିସାବରେ୍ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି। ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାର୍ଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ। ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ ସନ୍ଦେହ ସୃଷ୍ଟି ହେଉଛି। ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୂର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ଫର ସାହାଯ୍ୟର ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି। ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାହରଣ ମଧ ରହିଛି। ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଇ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ ପିଇ ପାରୁ ନାହାନ୍ତି।ରାଜ୍ୟ ପରିବେଶ ଓ ପ୍ରଭାବ ମୁଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୁଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି।

# ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଘଂନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଘଂନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି। ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି। ଏହି ପରି ରାଜ୍ୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି। ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ। ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟବିତ କରାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରି ର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହା କୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ। ବ୍ରିଜ ଅଞ୍ଚଳର କରୋନା ମହାମରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ। ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ।

# ସତସଙ୍ଗ ଦୀକ୍ଷା ପତ୍ର କାର୍ଯ୍ୟକ୍ରମ



ଭୁବନେଶ୍ୱର,(ପି.ଏନ): ନାଚୁଣୀ ସତସଙ୍ଗ କେନ୍ଦ୍ର ପରିସର ରେ ସ୍ଥାନୀୟ ଯୁବକ ଗଣ, ଗୁରୁ ଭାଇ , ମାଆ ମାନେ , ଶ୍ରୀ ଶ୍ରୀ ଆଚାର୍ଯ୍ୟ ଦେବଙ୍କ ଆଦେଶ ଅନୁଯାୟୀ ଘରେ ଘରେ ପ୍ରତି ଗ୍ରାମ ମାନଂକ ରେ ଯୋଗା ଯୋଗ କରୁଛନ୍ତି ।ଦକ୍ଷ , ନିଷ୍ପାପର ଯୁବକଗଣ, ଯୁବତୀ ଗଣ ଏହି କାର୍ଯ୍ୟକୁ ଦିନ ରାତ୍ରୀ, ଇଷ୍ଟ ଙ୍କ ଆଦେଶ କୁ ପାଳନ କରିବା ସ୍ଥାନୀୟ ଲୋକଙ୍କ ମନରେ ଆନନ୍ଦ ଲହର ସୃଷ୍ଟି କରିଛି।

## ଚାନ୍ଦବାଲି ଅଂଚଳରେ ଥିବା ସମସ୍ତ ସ୍ୱାସ୍ଥ୍ୟ ସେବା କେନ୍ଦ୍ରରେ ଏମବିବିଏସ ଡାକ୍ତରଙ୍କ ନିଯୁକ୍ତି

ଭଦ୍ରକ, (ପି.ଏନ): ଚାନ୍ଦବାଲି ଅଂଚଳରେ ସ୍ୱାସ୍ଥ୍ୟ ସେବା ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇ ପଡିଥିବା ବେଳେ ଚାନ୍ଦବାଲି ବିଧାୟକଙ୍କ ଏଥି ପାଇଁ ବହୁ ସଜାଗ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନଥିଲା ।ବାରମ୍ବାର ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗରେ ହାଜର ହୋଇ ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରେ ଫାଙ୍କା ଥିବା ଏମବିବିଏସ ଡାକ୍ତରଙ୍କୁ ସେ ନିଯୁକ୍ତି ଦେବା ପାଇଁ ଦାବୀ ଜଣାଇ ଆସୁଥିଲେ। ଏହାକୁ ବିଚାରକୁ ନେଇ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଚାନ୍ଦବାଲି ଅଂଚଳରେ ୬ଜଣ ଏମବିବିଏସ ଡାକ୍ତରଙ୍କୁ ନିଯୁକ୍ତ ମିଳିଛି। ପ୍ରାପ୍ତ ସୁଚନା ଅନୁଯାୟୀ ଓରାସାହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଡା. ଅନୁଜ୍ଞା ମିଶ୍ର,ବାଂଶଡା ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱସ୍ତିକ ସ୍ୱାଭିମାନ ରାଉତ,ଧାମରା ନୂତନ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡା.ପ୍ରତିକ୍ଷା ସିଂ,ଘଂଟେଶ୍ୱର ସ୍ୱାସ୍ଥ୍ୟ କେନ୍ଦ୍ରରେ ଡା,ଭବାନୀ ଶଙ୍କର ସ୍ୱାଇଁ,ମାଧପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ଡା.ଉତ୍କଳ ନାୟକ ଏବଂ ମତୋ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡା.ସ୍ୱାଗତିକା କରଙ୍କୁ ନିଯୁକ୍ତି ଦିଆଯାଇଛି। ଆଗାମୀ ଦିନରେ ଚାନ୍ଦବାଲି ଅଂଚଳରେ ସ୍ୱାସ୍ଥ୍ୟ ସେବା ପାଇଁ ଆଉ କିଛି ଅସୁବିଧା ହେବ ନାହିଁ ଏବଂ ବାକି ଥିବା ଅନ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଖୁବ ଶୀଘ୍ର ଅନ୍ୟ ଏମବିବିଏସ ଡାକ୍ତରଙ୍କୁ ନିଯୁକ୍ତି ଦିଆଯିବ ବୋଲି ବିଭାଗୀୟ ଅଧିକାରୀଙ୍କ ନିକଟରୁ ପ୍ରକାଶ।

# ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ରେ ଆନ୍ତର୍ଜାତୀୟ ମାନବ ଅଧିକାର ରକ୍ଷକ ର ସେବା କାର୍ଯ୍ୟ : ବିଶ୍ୱ ରଞ୍ଜନ

ପୁରୀ,(ପି.ଏନ):ସର୍ବ ଭାରତୀୟ ଆଜାଦ୍ ଠେଙ୍ଗା ବାହିନୀ ଓ ଆନ୍ତର୍ଜାତୀୟ ମାନବ ଅଧିକାର ରକ୍ଷକ ମିଳିତ ସହଯୋଗ ଦ୍ୱାରା ପବିତ୍ର ରଥଯାତ୍ରା, ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ମା ଦେବୀ ସୁଭଦ୍ରା ଙ୍କ ଦର୍ଶନ ଆଶ୍ରିବାଦ୍ ପ୍ରାପ୍ତ ନିମନ୍ତେ, ଲକ୍ଷ ଲକ୍ଷ ଭକ୍ତ ଙ୍କ ସହଯୋଗରେ ରଥଯାତ୍ରା ସମ୍ପନ୍ନ ହୋଇଛି । ଆନ୍ତର୍ଜାତୀୟ ମାନବ ଅଧିକାର ରକ୍ଷକ ସମସ୍ତ ସଭ୍ୟ ମାନଙ୍କ ଅକୁଣ୍ଠ ସମର୍ଥନ ଓ ସହଯୋଗରେ ଖାଦ୍ୟ-ପେୟ ଓ ଜଳୀୟ ପାନ ର ବ୍ୟବସ୍ଥା ର ଅତି ସୁନ୍ଦର ଓ ଶାନ୍ତି ଶୃଙ୍ଖଳା ସହିତ ସମ୍ପନ୍ନ ହୋଇଯାଇଛି। ସ୍ୱେଚ୍ଛାସେବୀ ଙ୍କ ଅକ୍ଲାନ୍ତ ପରିଶ୍ରମ ସହିତ ଏହି କାର୍ଯ୍ୟକ୍ରମ ରେ ରାସ୍ତା ଘାଟ ପରିଷ୍କାର, ଶାନ୍ତି ଶୃଙ୍ଖଳା ରକ୍ଷା କରିବା, ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ ବଣ୍ଟନ, ସୂଚ଼ନା ପ୍ରଦାନ ଆଦି ସେବା କାର୍ଯ୍ୟରେ ନିୟୋଜିତ ହୋଇଥିଲେ ।ଆନ୍ତର୍ଜାତୀୟ ମାନବ ଅଧିକାର ରକ୍ଷାକାରୀ- ଏକ ଅଗ୍ରଣୀ ଆନ୍ତର୍ଜାତୀୟ ମାନକ ସଂଗଠନ ଟ୍ରଷ୍ଟ ଆକ୍ଟ ଅନୁଯାୟୀ ପଞ୍ଜୀକୃତ ହୋଇଛି, ଯାହା ମାନବିକ ଅଧିକାର କୁ ଉଲଘଂନ ବିରୁଧରେ ସ୍ୱର ଉତତୋଳନ ସହିତ ବିଭିନ୍ନ ପ୍ରକାର ସାମାଜିକ ଓ ଜଣ କଲ୍ୟାଣ କାର୍ଯ୍ୟରେ ଜଡ଼ିତ ରହୀ ଥାଏ ।କେବଳ ଓଡ଼ିଶା ରାଜ୍ୟ ର ନୁହେଁ, ବରଂ ଭାରତ ବର୍ଷ ଏମ୍ବ ବିଶେଷ ର ହଜାର ହଜାର ସଦସ୍ୟ ଙ୍କୁ ନେଇ ଓ୍ୱାଜଉ ଏମ୍ବ୍ ସମୁଦାୟ ମାନବିକ ଅଧିକାର ର ସୁରକ୍ଷା ପାଇଁ, ଆମର ସମାଜ ନିଶ୍ୱାର୍ଥ ପର ସେବା ରେ ଜଡ଼ିତ। ଜାତି, ଧର୍ମ, ରଙ୍ଗ, ଲିଙ୍ଗ ଏମ୍ବ ଭାଷାର କୌଣଷି ଭେଦଭାବ ନ କରି ଏମ୍ବ ସର୍ବଦା ମାନବିକ ଅଧିକାର କୁ ଉଲଂଘନ ନ କରିବା ନିମନ୍ତେ ଓ୍ୱାଜଉ ସଂସ୍ଥା ମାନବିକ ଅଧିକାର କୁ ପ୍ରୋହାସ୍ଚ଼ନ ଏମ୍ବ ସାମ୍ବିଧାନିକ ନିୟମ ର ସୁରକ୍ଷା ରଖିବାକୁ କରିବା କୁ ପ୍ରତିଶ୍ରୁତିବଦ୍ଧ । ସାମ୍ବିଧାନିକ ନିୟମ ର ସୁରକ୍ଷା ତଥା ସାଧାରଣ ଲୋକ ଙ୍କୁ ଯେ କୌଣସି ବ୍ୟକ୍ତି ଙ୍କ ଦ୍ୱାରା ଦୁର୍ନୀତି ବିରୋଧରେ ଲଢେଇ ନିମନ୍ତେ ସଶକ୍ତିକରଣ କରିବା ପାଇଁ ପ୍ରତେକ ଦିଗରେ 'ସାମାଜିକ ନ୍ୟାୟ ଏମ୍ବ୍ ଶକ୍ତି' ସମ୍ବଦରେ ଏହାର ସାମାଜିକ ସେବା ପ୍ରଦାନ କରିବା। ସାଧାରଣ ଜନତାଙ୍କ, ଆଇନ୍ ଗତ ଅଧିକାର ଉଲ୍ଲଙ୍ଘନ ଏମ୍ବ ସମାଜରେ ଗ୍ରାଉଣ୍ଡ ଜିରୋ ରେ ସବୁ ବେଳେ ଆବଶ୍ୟକ ସହଯୋଗ ବିସ୍ତାର ସହିତ ସମାଜର ଦୁର୍ନୀତି ଦୂର କରିବାର ସ୍ୱର ଉତୋଳନ କରିବାକୁ ଜନ ସାଧାରଣ ଙ୍କୁ ଶିକ୍ଷା ଦିଆଯାଇଥାଏ ।ସାଧାରଣଙ୍କ ଜନତା ଙ୍କୁ ହଇରାଣ କରୁଥିବା, ବ୍ୟକ୍ତିଙ୍କ ମାନବିକ ଅଧିକାରର ପରାମର୍ଶ, ସୁରକ୍ଷା, ପ୍ରୋତ୍ସାହନ ଏବଂ ରକ୍ଷା ପାଇଁ ବିଶେଷଜ୍ଞ ରୂପରେ କାର୍ଯ୍ୟ କରି ଆସୁଛନ୍ତି। ଆମର ବିଶେଷଜ୍ଞ ଦଳ ଜାତି, ଧର୍ମ, ଲିଙ୍ଗ ଏବଂ ଭାଷାର କୌଣଷି ବିନା ଭେଦଭାବ ରେ, ମିଳିତ ଭାବରେ ମାନବ ଅଧିକାର ରକ୍ଷାକାରୀ, ମିଳିତ ସଂଗଠନ ଭାବରେ ଜାତି ସଙ୍ଘର ନିୟମ ଓ କାନୁନ୍ ମାନି ସମଗ୍ର ବିଶ୍ୱ ରେ ପ୍ରମାଣିତ ହୋଇଛି ବୋଲି, ଆନ୍ତର୍ଜାତୀୟ ମାନବ ଅଧିକାର ରକ୍ଷକ ର ଅଧକ୍ ଓ ପ୍ରତିଷ୍ଠାତା ଶ୍ରୀଯୁକ୍ତ ମୀନ କେତନ ପଟ୍ଟନାୟକ କହନ୍ତି। ସମ୍ପ୍ରତି, ଆନ୍ତର୍ଜାତୀୟ ମାନବ ଅଧିକାର ରକ୍ଷକ ସଂସ୍ଥା ଜାତିସଂଘରୁ ECOSOC ପ୍ରମାଣପତ୍ର ପ୍ରାପ୍ତ କରିଛନ୍ତି। ଜାତିସଙ୍ଘ ରଉଙଝଙଉ ଲକ୍ଷ୍ୟ ହେଉଛି, ସମଗ୍ର ବିଶ୍ୱର ନିରନ୍ତର ବିକାଶର ତିନୋଟି ଦିଗ - ସମାଜରେ ଅର୍ଥନ୍‌ୟେତିକ, ସାମାଜିକ ଏବଂ ପରିବେଶ କୁ ସମଗ୍ର ବିଶ୍ୱରେ ସେବା ର ପ୍ରତୀକ ବୋଲି, ଆନ୍ତର୍ଜାତୀୟ ମାନବ ଅଧିକାର ରକ୍ଷକ ର ଗଲ୍ଫ ଦେଶ ର ସଭାପତି ଓ ଆନ୍ତର୍ଜାତୀୟ ସାଧାରଣ ସମ୍ପାଦକ - ଶ୍ରୀଯୁକ୍ତ ବିଶ୍ୱ ରଞ୍ଜନ ସାହୁ କହିଛନ୍ତି।

# ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସୀର ନଓ୍ୱାଜଙ୍କ ସଭାପତିତ୍ୱରେ ପତାକା ଉତୋଳନ କାର୍ଯ୍ୟକ୍ରମ ହୋଇଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତୋଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ନଓ୍ୱାଜ କହିଥିଲେ ଯେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏନ.ଏସ.ୟୁ.ଆଇ. ୧୯୭୧ ମସିହାରେ ପ୍ରତିଷ୍ଠା କରିଥିଲେ। ଛାତ୍ର କଂଗ୍ରେସର ଲକ୍ଷ୍ୟ ଛାତ୍ର ସମାଜକୁ ସଶକ୍ତ କରିବା। ଦାୟୀତ୍ୱବାନ ନାଗରିକ ଓ ନେତା ମଧ ସୃଷ୍ଟି କରିବା ଛାତ୍ର କଂଗ୍ରେସର କାର୍ଯ୍ୟର ଅଂଶ ବିଶେଷ ମାତ୍ର ସେମାନଙ୍କର ଗଣତାନ୍ତ୍ରୀକ, ଧର୍ମ ନିରପେକ୍ଷତା, ସମାନତା ଏବଂ ସୁଗୁଣ ରହିଥିବା ଦରକାର। ଶ୍ରୀ ନଓ୍ୱାଜ କହିଲେ ଓଡ଼ିଶାର ଛାତ୍ର କଂଗ୍ରେସ ଉଭୟ ନବୀନ ସରକାର ଓ ମୋଦୀ ସରକାରର ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ ଜାରିଛି। ଚାକିରୀ ବିକିରୀର ପ୍ରତିବାଦ କରିଛି। ନାରୀ ନିର୍ଯ୍ୟାତନା ଓ ହତ୍ୟା, ଦରଦାମ ବୃଦ୍ଧି ପ୍ରସଙ୍ଗରେ ଉଭୟ ସରକାରକୁ ଜୋରଦାର ଘେରିଛି। ଆଜିର ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ରଞ୍ଜିତ ପାତ୍ର, ନିହାର ରଂଜନ ବେହେରା, ନଳିନୀକାନ୍ତ ନାୟକ, କାର୍ତିକେଶ୍ୱର କାଣ୍ଡି, ଅଖିଳେଷ ଯାଦବ, ବିଶ୍ୱଭୂଷଣ ମହାପାତ୍ର, ଏମଡି ସମ୍ମୁଇଲ, ଭାଗ୍ୟଶ୍ରୀ ମହାନ୍ତି, ଜଗଦିଶ ଗଜେନ୍ଦ୍ର, ଅହମ୍ମଦ ଖାନ, ଏସ୍‌କେ ସାହାରୁଖ, ନିତେଶ ରଂଜନ ବେହେରା, ନିୟାଜୁଲ ଇସ୍‌ଲାମ, ଉଦିତ ପ୍ରଧାନ, ଜିତେନ୍ଦ୍ର ମଲ୍ଲିକ, ସନ୍ତୋଷ କୁମାର ଭୋଳ, କୁମାର ସୌରଭ, ତୋଫାନ ସେଠୀ, ଅରସଦ ଅନସାରୀ, ମିର ରିୟାଜୁଦ୍ଦିନ, ଆରିୟାନ ଦାସ, ଆଶିଷ ଦାସ, ଶୁଭକାନ୍ତ ବେହେରା, ରୋସନ କୁମାର କିରଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ବେଆଇନ ଭାବେ ସରକାରୀ ଜାଗା ଜବରଦଖଲ କରି ନିର୍ମିତ କୋଠା ଭାଙ୍ଗିଲା ପ୍ରଶାସନ

ମାଲକାନଗିରି, (ପି.ଏନ): ବେଆଇନ ଭାବେ ସରକାରୀ ଜାଗା ଜବରଦଖଲ କରି କୋଠା ନିର୍ମାଣ କରିଥିବା ଯୋଗୁଁ ମାଲକାନଗିରି ତହସିଲ ଅନ୍ତର୍ଗତ ଏମଭି-୪୨ ଗ୍ରାମର ପିୟୁସ୍ ବରାଳଙ୍କ କୋଠାକୁ ପ୍ରଶାସନ ପକ୍ଷରୁ ଭଙ୍ଗା ଯାଇଛି। ଏଣୁ ମାଲକାନଗିରି ତହସିଲଦାର ସୟଦ ସବୀର ସାହଙ୍କ କାର୍ଯ୍ୟାନୁଷ୍ଠାନ କ୍ରମେ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନର ଉପସ୍ଥିତିରେ ସରକାରୀ ଜାଗାରେ ନିର୍ମାଣ କରାଯାଇଥିବା କୋଠାକୁ ଭଙ୍ଗା ଯାଇଛି। ଏଥି ନିମନ୍ତେ ଉପ ଜିଲ୍ଲାପାଳ ଡଃ. ଅକ୍ଷୟ କୁମାର ଖେମୁଣ୍ଡୁ ମାଜିଷ୍ଟ୍ରେଟ ନିୟୋଜିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ କ୍ରମେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଅତିରିକ୍ତ ତହସିଲଦାର ଜଗଦୀଶ କର୍ତାମୀ ଉପସ୍ଥିତ ଥିଲେ ।ସୂଚନା ଥାଉ କି, ଏଥି ନିମନ୍ତେ ମାଲକାନଗିରି ତହସିଲ୍ କାର୍ଯ୍ୟାଳୟ ତରଫରୁ ଶ୍ରୀ ବରାଳଙ୍କୁ ତିରିଶ ଦିନିଆ ନୋଟିସ୍ ପ୍ରଦାନ କରାଯାଇଥିଲା। ନୋଟିସ୍ ସମୟ ଅତିକ୍ରମ ହୋଇଯାଇଥିଲେ ସୁଦ୍ଧା ସରକାରୀ ଜାଗାକୁ ଖାଲି କରାଯାଇନଥିଲା। ତେଣୁ ସରକାରୀ ଜାଗାକୁ ଜବରଦଖଲ କରିଥିବାରୁ ଶୁକ୍ରବାର କୋଠାଟିକୁ ଭଙ୍ଗା ଯାଇଛି। ଏହି ଉଚ୍ଛେଦ ବେଳେ ଅନ୍ୟ ମାନଙ୍କ ମଧ୍ୟରେ ରାଜସ୍ୱ ପରିଦର୍ଶକ ରଣଦା ପ୍ରସାଦ ମଣ୍ଡଳ, ରାଜସ୍ୱ ନୀରିକ୍ଷକ ଶ୍ରୀନିବାସ ପଟ୍ଟନାୟକ ଏବଂ ତହସିଲ୍ କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀମାନେ ସେଠାରେ ଉପସ୍ଥିତ ଥିଲେ।

## ବିଦ୍ୟୁତ ଟାୱାର ନିର୍ମାଣ ବଦଳରେ ପାନୀୟ ଜଳ ଯୋଗାଣ ପ୍ରତିଶ୍ରୁତି ପାଣିର ଗାର

ବଲାଣି, (ପି.ଏନ): ଯୋଡ଼ା ବ୍ଲକ କାରଖେଣ୍ଡରା ଗ୍ରାମ ପଂଚାୟତ କୋଲ୍‌ହବରପଦା ଗ୍ରାମର ମୁଣ୍ଡା ସାହିରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ନେଇଛି । ଅନ୍ୟପକ୍ଷରେ ବହୁଦେଶୀୟ ଇସ୍ପାତ କମ୍ପାନୀ ପକ୍ଷରୁ ନିର୍ମିତ ପାନୀୟ ଜଳ ପ୍ରକଳ୍ପ ଜଳ ଧାରା ଅଚଳ ହୋଇ ପଡିଛି । ବାରମ୍ବାର ଅଭିଯୋଗ ସତ୍ୱେ ଜେଏସଡବ୍ଲ୍ୟୁର ଅଧିକାରୀ ଗ୍ରାମବାସୀଙ୍କ ଅଭିଯୋଗକୁ ଖାତିର କରୁନଥିବା ୬ ନମ୍ବର ଓ୍ୱାର୍ଡର ଓ୍ୱାର୍ଡ ସଭ୍ୟ କୃପା ମୁଣ୍ଡା ଅଭିଯୋଗ କରିଛନ୍ତି । ଉକ୍ଟ ପାନୀୟ ଜଳ ସମସ୍ୟା ଯୋଗୁଁ ଚୁଆ ପାଣି ଉପରେ ନିର୍ଭର କରି ଚଳୁଛନ୍ତି ଗ୍ରାମବାସୀ । ୨ କିଲୋମିଟର ଝରଣା ପାଣି ଗ୍ରାମବାସୀଙ୍କୁ ପାଣି ଯୋଗାଉଛି । କୋଲ୍‌ହବରପଦା ଗ୍ରାମର ମୁଣ୍ଡା ସାହିରେ ପ୍ରାୟ ୨୦୦ ଲୋକ ରହୁଥିବା ବେଳେ ପାନୀୟ ଜଳ ସମସ୍ୟା ଦୂର ହୋଇପାରି ନାହିଁ । ଏ ନେଇ ଗ୍ରାମବାସୀ ଅଭିଯୋଗ କରି କହିଛନ୍ତି ଯେ, ବର୍ଷେ ପୂର୍ବରୁ ଉକ୍ତ ଗ୍ରାମ ଦେଇ ଅତି ଶକ୍ତି ସମ୍ପନ୍ନ ବିଦ୍ୟୁତ ତାର ନିମନ୍ତେ ଜେଏସଡବ୍ଲ୍ୟୁ ଦ୍ୱାରା ଟାଓ୍ୱାର ନିର୍ମାଣ କାର୍ଯ୍ୟ ହାତକୁ ନେଇଥିଲେ ।

# ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯତ୍ନ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ଓ୍ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଝକ୍ଷଗ୍ଧ;ରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ଓ୍ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯତ୍ନ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡ୍‌ଗୁଡିକୁ ପଛରେ ପକାଇଦେବା ଆଶା କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସଓ୍ୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥିବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।




# ଚାଷ ସମସ୍ୟା ନେଇ ସରକାରଙ୍କୁ ଘେରିଲେ ଦକ୍ଷିଣ ଓଡ଼ିଶା ଚାଷୀ



ଭୁବନେଶ୍ୱର,(ପି.ଏନ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପିସିସି କିଷାନ କଂଗ୍ରେସ ରାଜ୍ୟ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଦକ୍ଷିଣ ଓଡ଼ିଶାର କୃଷି ଓ କୃଷକଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ପାଇଁ ପ୍ରତିଶ୍ରୁତି ମୁତାବକ ସରକାର କେତେଦୂର କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି, ଏହି ଦିଗରେ ବାସ୍ତବ ସ୍ଥିତି ପରଖିବା ପାଇଁ କିଷାନ କଂଗ୍ରେସର ଏକ ୧୧ ଜଣିଆ ପ୍ରତିନିଧି ମଣ୍ଡଳୀ ଚଳିତ ଜୁନ୍ ୨୧ ତାରିଖଠାରୁ ୨୫ ତାରିଖ ମଧ୍ୟରେ ଗାମ, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲା ଗସ୍ତକରି ଫେରିବା ପରେ ରାଜ୍ୟ ବିଜେଡ଼ି ସରକାର ତା'ର ୨୫ ବର୍ଷ ଶାସନ କାଳରେ ଏହି ଜିଲ୍ଲାଗୁଡ଼ିକର ଚାଷୀଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିନାହିଁ। ଏହା କେବଳ ପ୍ରତାରଣା। ଗୋଟିଏ ହେଲେ କୃଷି ଭିତ୍ତିକ ଶିଳ୍ପ, ଶୀତଳଭଣ୍ଡାର, ଜଳସେଚନ ପ୍ରକଳ୍ପ, ଆଦିବାସୀ ମାନଙ୍କର ଉନ୍ନତି ପାଇଁ ସମନ୍ୱୀତ କୃଷି ଯୋଜନା କାର୍ଯ୍ୟକାରୀ କରାଯାଇ ନାହିଁ। ଏଥିରେ ଚାଷୀଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ଜଳସେଚନ, ମିଲେଟ୍ ମିଶନ୍, ଆଳୁ ମିଶନ୍, ପିଆଜ ମିଶନ୍ ଏପରିକି ହିତାଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ସମ୍ପୂର୍ଣ୍ଣ ଫେଲ୍ ମାରିଛି। ଫଳରେ ଚାଷୀ ବିଭିନ୍ନ କୃଷିଜାତ ଦ୍ରବ୍ୟ ସଂଗ୍ରହ ଓ ସଂରକ୍ଷଣ ପାଇଁ ଗୋଦାମ ଘର, ଶୀତଳଭଣ୍ଡାର ଓ ଉତ୍ପାଦିତ କୃଷିଜାତ ଦ୍ରବ୍ୟର ଉଚିତ୍ ମୂଲ୍ୟ ପାଇ ପାରୁ ନାହାନ୍ତି। ଦୀର୍ଘ ୧୨ ବର୍ଷ ତଳେ ସରକାରଙ୍କ ପକ୍ଷରୁ ନବରଙ୍ଗପୁର ଜିଲ୍ଲାରେ ମକା ଫ୍ୟାକ୍ଟ୍ରି କରାଯିବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ଆଜି ସୁଦ୍ଧା ଏହା କରାଯାଇ ନାହିଁ। ଏହି ଜିଲ୍ଲାଗୁଡ଼ିକରୁ ଦାଦନ ଶ୍ରମିକ ରୋକିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ରାୟଗଡ଼ ଜିଲ୍ଲାର କାଶିପୁର ଅ ଳରେ ପ୍ରର୍ଯ୍ୟାପ୍ତ ସୁ-ସ୍ୱାଦୁ ଆମ୍ବ ଅମଳ ହେଉଥିବା ବେଳେ ଚାଷୀ ଏହାକୁ କିଲୋ ପିଛା ୫ ରୁ ୬ ଟଙ୍କାରେ ବିକ୍ରିକରି ଗୁରୁତର କ୍ଷତି ସହୁଛନ୍ତି। ଆମ୍ବ ମଣ୍ଡି, ଆମ୍ବ ସସ୍ ସ୍କ୍ୱାସ, ପ୍ରକ୍ରିୟାକରଣ ୟୁନିଟ୍ କିମ୍ବା ରପ୍ତାନୀ କେନ୍ଦ୍ର ନାହିଁ। ମାଣ୍ଡିଆ ଚାଷର ଏରିଆ ସଂପ୍ରସାରଣ କରାଯାଇଥିଲେ ସୁଦ୍ଧା ବିଭିନ୍ନ ଜିଲ୍ଲାରେ ଆବଶ୍ୟକ ସଂଖ୍ୟକ ମଣ୍ଡି ଖୋଲାଯାଉ ନଥିବା ହେତୁ ଚାଷୀ ଶାଗମାଛ ଦରରେ ମାଣ୍ଡିଆ ବିକୁଛନ୍ତି। ସରକାରଙ୍କ ମିଲେଟ୍ ମିଶନ କେବଳ ପ୍ରଚାର ସର୍ବସ୍ୱ ହୋଇଛି। କପା, ଆଖୁ, ଆମ୍ବ, କାଜୁ, କଫି ଓ ପନିପରିବା ବିକ୍ରି ପାଇଁ ରପ୍ତାନୀ କେନ୍ଦ୍ର, ବଜାର ସୁବିଧା, ମଣ୍ଡି ଓ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ନଥିବାରୁ ଚାଷୀ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ। ସରକାରଙ୍କର ଘୋଷଣା ମୁତାବକ ବରାଦି ଅର୍ଥର କେବଳ ହରିଲୁଟ୍ କରାଯାଉଛି। ଇନ୍ଦ୍ରାବତୀ ନଦୀ ନବରଙ୍ଗପୁର ଜିଲ୍ଲାରେ ବହିଯାଇଥିଲେ ମଧ୍ୟ ଏଥିରେ ଜିଲ୍ଲାବାସୀ ଜଳସେଚନରୁ ସମ୍ପୂର୍ଣ୍ଣ ବ ୍ତ। ସେହିଭଳି କୋଲାବରୁ ମୋଟୁ ପର୍ଯ୍ୟନ୍ତ ଯାଇଥିବା ସାବେରୀ, ସିଲେରୁ ଓ ସପ୍ତଧାରା ନଦୀର ଜଳକୁ ବିଭିନ୍ନ ସ୍ଥାନରେ ଚେକ୍‌ଡ୍ୟାମ କରାଗଲେ ମାଲକାନଗିରୀ ଜିଲ୍ଲାର ଅନେକ ଆଦିବାସୀ ଚାଷୀ ଜଳସେଚନର ସୁବିଧା ପାଇ ପାରନ୍ତେ, ତାହା ମଧ୍ୟ ଠପ୍। ବିଭିନ୍ନ କୃଷି ଭିତ୍ତିକ ତେଲକଳ ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ କରାଗଲେ ଚାଷୀମାନେ ଅଧିକ ଲାଭପ୍ରଦ ହୋଇ ପାରନ୍ତେ, ତାହା ମଧ୍ୟ ହେଉ ନାହିଁ। ଜଙ୍ଗଲ କୃଷିଜାତ ଦ୍ରବ୍ୟର ସଂଗ୍ରହ ଓ ବିପଣନ ପାଇଁ ମଧ୍ୟ ସୁ-ବ୍ୟବସ୍ଥା ନାହିଁ ବୋଲି ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଏହି ପ୍ରତିନିଧି ଦଳରେ ମାଳା ମାଢ଼ୀ, ମଙ୍ଗୁ ଖିଲ୍ଲ, ଲଲାଟେନ୍ଦୁ ପଟ୍ଟନାୟକ, ବୃନ୍ଦାବନ ତ୍ରିପାଠୀ, ସନରାଜ ଗଣ୍ଡ, ଦିବାକର ପୁଜାରୀ, ହାରାବତୀ ଗଣ୍ଡ, କେ. ଦେବେନ୍ଦ୍ର କୁମାର ରାଓ, ଜୟ ମାଝୀ, ଭବାନୀ ଶଙ୍କର ରଥ, ବୃନ୍ଦାବନ ଖଟେଇ, ଶ୍ୟାମ ସୁନ୍ଦର ଦୋରା, ପଦ୍ମ ଚରଣ ସାହୁ, ରାମ ବିଶ୍ୱାସରାୟ, ମାଲକାନଗିରି ଜିଲ୍ଲା କଂଗ୍ରେସ କମିଟି ସଭାପତି ଗୋବିନ୍ଦ ପାତ୍ର, ରାୟଗଡ଼ା ଜିଲ୍ଲା କଂଗ୍ରେସ ସଭାପତି ବିଜୟ ଗମାଙ୍ଗୋ, ଗାମ ଜିଲ୍ଲା ସଭାପତି ରମେଶ ଜେନା, ନବରଙ୍ଗପୁର ଜିଲ୍ଲା କଂଗ୍ରେସ ସଭାପତି ମନୋରନ ତ୍ରିପାଠୀ, ପିସିସି ଏସ୍.ଟି ସେଲର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଭୂଜବଳ ମାଝୀ, ବରିଷ୍ଠ କଂଗ୍ରେସ ନେତା ଶଙ୍କର୍ଷଣ ମଙ୍ଗରାଜ, ଆପୋଲ ସ୍ୱାମୀ, ଅନିଲ ଜେନ୍, ଅଙ୍ଗଦ ନାୟକ ପ୍ରମୁଖ ଶତାଧିକ କଂଗ୍ରେସ ନେତୃବୃନ୍ଦ ଓ ବିଭିନ୍ନ ଜିଲ୍ଲାର ଚାଷୀ ପ୍ରତିନିଧିମାନେ ବିଭିନ୍ନ ସ୍ଥାନରେ ଉପସ୍ଥିତ ରହି ଉପରୋକ୍ତ ଜିଲ୍ଲାଗୁଡ଼ିକର କୃଷି ଓ କୃଷକମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହେବା ସହିତ ଦାବିଗୁଡ଼ିକୁ ସରକାର ଯଥାଶୀଘ୍ର ପୂରଣ କରନ୍ତୁ ନଚେତ୍ ଆଗାମୀ ଦିନରେ ପ୍ରତି ଜିଲ୍ଲାରେ ଚାଷୀ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି କିଷାନ କଂଗ୍ରେସ ନେତୃମଣ୍ଡଳୀ ଚେତାବନୀ ଦେଇଛନ୍ତି।

# ଯାଜପୁରରେ ଓଡ଼ିଶା ମିଲେଟ ମିଶନର ଅବିସ୍ମରଣୀୟ କାର୍ଯ୍ୟକ୍ରମ

ଯାଜପୁର (ପି.ଏନ): ଓଡ଼ିଶା ମିଲେଟ୍ସ ମିଶନ୍ ଗତ ସପ୍ତାହରେ ଯାଜପୁର ସହରରେ ଆକର୍ଷଣୀୟ କାର୍ଯ୍ୟକ୍ରମ ସହିତ ସ୍ଥାନୀୟ ଲୋକଙ୍କୁ ଆକର୍ଷିତ କରିଥିଲା। ଜୁନ୍ ୨୪ ଏବଂ ୨୫ ରେ , ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ମିଲେଟ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଓଡ଼ିଶା ମିଲେଟ୍ସ ମିଶନ୍ ଏହାର 'ଓଡିଶାର ମିଲେଟସ୍ ବିଷୟରେ ଜାଣ' କାର୍ଯ୍ୟକ୍ରମକୁ ଉତ୍କଳ ସେଣ୍ଟ୍ରାଲ ପଏଣ୍ଟ ମଲ୍‌ରେ ଆୟୋଜନ କରିଥିଲା। ଓଡିଶା ରାଜ୍ୟ ସରକାରଙ୍କ ଅଧିନରେ ଏହି ଉଲ୍ଲେଖନୀୟ କାର୍ଯ୍ୟକ୍ରମ ଓଡିଶା ମିଲେଟ ମିଶନ୍ ରାଜ୍ୟରେ ମିଲେଟର ପ୍ରଚାର ପାଇଁ ବିଭିନ୍ନ ଅଭିନବ ତଥା ରୋମାଞ୍ଚକର ଉପାୟ ଅବଲମ୍ବନ କରୁଛି ।ଏହି ପ୍ରୟାସର ଏକ ଅଂଶ ଭାବରେ, ଓଡିଶାର ଶ୍ରେଷ୍ଠ ୨୦ଟି ସହରରେ 'ଓଡିଶାର ମିଲେଟସ୍ ବିଷୟରେ ଜାଣ' ନାମକ ଏକ ମନୋରନକାରୀ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଯାଜପୁରରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଦର୍ଶକଙ୍କ ମନୋରନ କରିଥିବା ବେଳେ ଲୋକଙ୍କ ଦୈନନ୍ଦିନ ଖାଦ୍ୟରେ ମିଲେଟର ଅ'ର୍ଭୁକ୍ତ ହେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।ଜଣାଶୁଣା ଟିଭି ଏବଂ ଚଳଚ୍ଚିତ୍ର ହାସ୍ୟ ଅଭିନେତା ସୁଜିତ କୁମାର ଜେନା ଏବଂ ଡଲି ଏଠାରେ ଭରପୁର ମନୋରନ କରୁଥିବା ଦେଖିବାକୁ ମିଳିଥିଲା। ଏହାସହ ଖ୍ୟାତିସମ୍ପନ୍ନ ଗାୟକ କୁଳଦୀପ ଅନନ୍ୟ ମନମୁଗ୍ଧକର ସନ୍ଧ୍ୟା ସୃଷ୍ଟି କରିଥିଲେ। ଓଡିଆ ଓ ହିନ୍ଦୀ ମେଲୋଡିର ମନମୁଗ୍ଧକର ସଙ୍ଗୀତ ଉପସ୍ଥିତ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ଏହା ଏକ ରୋମାଂଚକର ବାତାବରଣ ସୃଷ୍ଟି କରିଥିଲା ଯାହା ଦର୍ଶକଙ୍କ ମନ ମୋହି ନେଇଥିଲା ।ଓଡିଶାର ମିଲେଟସ୍ ମିଶନ୍ ବିଷୟରେ ଲୋକଙ୍କୁ ଜଣାଇବା ଏବଂ ଦର୍ଶକଙ୍କୁ ସଚେତନ କରାଇବା ପାଇଁ ଏହି ଶୋ ର ଆୟୋଜନ ହୋଇଥିଲା। ଜନସାଧାରଣଙ୍କୁ ଆକର୍ଷିତ କରିବା ପାଇଁ ଏକ ହାସ୍ୟରସ ନାଟିକା ପରିବେଷିତ ହୋଇଥିଲା, ଯାହା ଅସ୍ୱାସ୍ଥ୍ୟକର ଖାଦ୍ୟ ଅଭ୍ୟାସର ବ୍ୟାପକତା ବିଷୟରେ ଜନସାଧାରଣଙ୍କୁ ସଚେତନ କରିଥିଲା।

# ଆନ୍ତର୍ଜାତୀୟ ନିଶାଦ୍ରବ୍ୟର ଅପବ୍ୟବହାର ଓ ଚୋରାଚାଲାଣ ବିରୋଧରେ ଜିଲ୍ଲାସ୍ତରୀୟ ସଚେତନତା

କେନ୍ଦ୍ରାପଡା,(ପି.ଏନ): ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ନିଶାଦ୍ରବ୍ୟର ଅପବ୍ୟବହାର ଓ ଚୋରାଚାଲାଣ ବିରୋଧରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜି ସକାଳେ ଜିଲ୍ଲା ପ୍ରଶାସନ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ଆନୁକୁଲ୍ୟରେ ଏକ ସଚେତନତା ରଥ ଶତାଧିକ ବିଦ୍ୟାଳୟ ଛାତ୍ରଛାତ୍ରୀ, ଅଙ୍ଗନୱାଡୀ କର୍ମୀ, ସ୍ୱତନ୍ତ୍ର ବିଦ୍ୟାଳୟର କର୍ମଚାରୀଙ୍କ ଦ୍ୱାରା ଏକ ଶୋଭା ଯାତ୍ରାରେ ନୂଆ ବସଷ୍ଟାଣ୍ଡରୁ ବାହାରି ସହର ପରିକ୍ରମା ପୂର୍ବକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହ ିଥିଲେ । ଏହି ଉପଲକ୍ଷେ ଆୟୋଜିତ ସଚେତନତା ରାଲିକୁ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନିଲୁ ମହାପାତ୍ର ପତକା ଦେଖାଇ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ । ଉପସ୍ଥିତ ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ଶିକ୍ଷକ ଶିକ୍ଷୟିତ୍ରୀ, ଅଙ୍ଗନୱାଡୀ କର୍ମୀ ଓ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ନିଶାଦ୍ରବ୍ୟ ସେବନ ନ କରିବାକୁ ସପଥ ପାଠ କରାଇଥିଲେ। ଯୁବ ସମାଜ ରଷ୍ଟ୍ରର ଭବିଷ୍ୟତ ଦେଶର ବିକାଶରେ ଯୁବଶକ୍ତିର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ତେଣୁ ନିଶାମୁକ୍ତ ଭାରତ ଅଭିଯାନରେ ଅଧିକରୁ ଅଧିକ ଯୁବକ ସାମିଲ ହେବା ଅତ୍ୟନ୍ତ ଜରୁରୀ, ନିଜକୁ ନିଶାମୁକ୍ତ ରଖିବା ସହିତ ନିଶାମୁକ୍ତ ରାଜ୍ୟ ତଥା ଜିଲ୍ଲା ଗଠନ ପାଇଁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାପାତ୍ର ସମସ୍ତଙ୍କୁ ଶପଥ ପାଠ କରାଇବା ସହ ଆହ୍ୱାନ ଦେଇଥିଲେ । କାରଣ ପରିବର୍ତ୍ତନର ଆରମ୍ଭ ନିଜଠାରୁ ହେବା ଆବଶ୍ୟକ। ନିୟମିତ ନିଶାଦ୍ରବ୍ୟ ସେବନ କରିବା ଦ୍ୱାରା ଶାରିରୀକ ଓ ମାନସିକ ସ୍ୱାସ୍ଥ୍ୟ ହାନୀ ହେବା ସହ ସାମାଜିକ ବିଶୃଙ୍ଖଳାର ମୂଳ କାରଣ ହୋଇଥାଏ । ଫଳରେ ପରିବାରର ଅର୍ଥନୈତିକ ସ୍ଥିତି ଦୁର୍ବଳ ହୋଇଥାଏ। ଉକ୍ତ ଶୋଭାଯାତ୍ରାରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରୁପାଲୀ ପ୍ରିୟଦର୍ଶିନୀ ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ, ସ୍ୱତନ୍ତ୍ର ବିଦ୍ୟାଳୟର ସ୍ୱପ୍ନାଂଶୁ କୁମାର ଦାସ, ଯୋଗଗୁରୁ ସଞ୍ଜୟ କୁମାର ମଥାନ ପ୍ରମୁଖ ଉପସ୍ଥିତ ରହି ଏହାକୁ ପରିଚାଳନା କରିଥିଲେ। ଶେଷରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା। ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି। ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷିରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି । ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ।

ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତ୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି । ପରବର୍ତ୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି ।

# ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି । କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି । ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ-୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପଦୋନ୍ନତି ମିଳିଛି । ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜନ୍ମେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି । ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶାନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି ।

# ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି । ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ । ଚୁକ୍ତି ମୁତାବକ ସେମାନଙ୍କୁ ଥଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି । ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି । ସଂଘର ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସଭାପତି ପ୍ରମିଳା ସାମଲ, କ୍ଷିରୋଦ କୁମାର ଖଟୁଆ, ନିତ୍ୟ ସୁନ୍ଦର ଜେନା, ଉପେନ୍ଦ୍ର ସାହୁ, ମୁକୁନ୍ଦ ମହାପାତ୍ର, ରବିନ୍ଦ୍ର ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।





2023-2024



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Bhubaneswar Tuesday June 27, 2023 | ଭୁବନେଶ୍ୱର ମଙ୍ଗଳବାର, ଜୁନ ୨୭,୨୦୨୩ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com


# ଟିକି ବଗିଚାରେ ଔଷଧୀୟ ଗୁଳ୍ମ ଲତା ସଂରକ୍ଷଣ

ମାଲକାନଗିରି ଓଡା,(ପି.ଏନ): ଭାରତୀୟ ଆୟୁର୍ବେଦିକ ଶାସ୍ତ୍ରରେ ଔଷଧୀୟ ଗୁଣ ବହନ କରୁଥିବା ଗୁଳ୍ମ ଲତା ଓ ବୃକ୍ଷ ମହତ୍ତ୍ୱ ସଦା ସର୍ବଦା ରହି ଆସିଛି । ତେବେ ଆଜିକାଲି ଆଧୁନିକ ଚିକିତ୍ସା ବିଜ୍ଞାନରେ ଏଲୋପାଥିକ ଚିକିତ୍ସାର ପ୍ରାଧାନ୍ୟତା ସର୍ବାଧିକ ପ୍ରଚାର ପ୍ରସାର ହେତୁ ଆୟୁର୍ବ ?ଦିକ ଚିକିତ୍ସା ପଛରେ ପଡ଼ିଯାଇଛି । ଏହାର ଏକ ମାତ୍ର କାରଣ ହେବା ଜନ ସଚେତନତାର ଘୋର ଅଭାବ । ଏଲୋପାଥିକ ଚିକିତ୍ସାରେ ଅନେକ ପାର୍ଶ୍ୱ ପ୍ରତିକ୍ରିୟା ରହିଥିବା ବେଳେ ଆୟୁର୍ବ ?ଦିକ ଚିକିତ୍ସାଳୟରେ ଏହା ବିରଳ କହିଲେ ଅତ୍ୟୁକ୍ତି ହେବ ନାହିଁ । ଆଜିକାଲି ଯୁବପିଢି ଔଷଧୀୟ ଗୁଣ ବହନ କରୁଥିବା ଗୁଳ୍ମ ଲତା ବୃକ୍ଷ ସମ୍ପର୍କରେ ଅଜ୍ଞ । ଏଣୁ ପ୍ରକୃତି ପ୍ରେମୀ ସୁସାହିତ୍ୟିକ କେଶବ ଚନ୍ଦ୍ର ନାୟକ, ୧୧୯ କଲୋନୀ, ମାଲକାନଗିରି ବାସିନ୍ଦା ବାରି ପଛ ପଟ ଟିକି ବଗିଚାରେ ଲଗାଇଛନ୍ତି



। କିଛି ଔଷଧୀୟ ଗଛ । ଏଥିରେ ସ୍ଥାନ ପାଇଛି ଗିଲୋଇ,ପସାରୁଣି, ତୁଳସୀ, ଭୃସଙ୍ଗ,ପୋଇ, ହଳଦୀ, ବ୍ରାହ୍ମୀ, ଅମରପୋଇ, ଘିକୁଆରୀ, ବେଲ,ଅଁଳା, ସର୍ପ ଦଂଶନକନ୍ଦା, ଅପରାଜିତା, ମନ୍ଦାର, କଲରା, ଗେଣ୍ଡୁ, ବିଷଲ୍ୟାକରଣୀ, ଲାଜକୁଳି, ଭୂଇଁ ଅଁଳା, ପିଜୁଳି, ଲେମ୍ବୁ, ଅମୃତଭଣ୍ଡା, କଦଳୀ, ଖମ୍ବ ଆଳୁ, ମୁନିଗା ଇତ୍ୟାଦି । ବର୍ତ୍ତମାନ ସେ ଅନ୍ୟାନ୍ୟ ଔଷଧୀୟ ଗଛ ସଂଗ୍ରହରେ ବ୍ୟସ୍ତ । ଏହା ବ୍ୟତୀତ ଶ୍ରୀ ନାୟକ ଦୀର୍ଘ ୩୦ ବର୍ଷ ହେଲା ବିଭିନ୍ନ ଅନୁଷ୍ଠାନଗୁଡିକରେ ବୃକ୍ଷରୋପଣ କରିବା ସହ ପରିବେଶ ଉପରେ ଜନ ସଚେତନତା କରିବା ତାଙ୍କର ମୂଳଲକ୍ଷ୍ୟ । ଜଙ୍ଗଲକୁ ଧ୍ୱଂସ ନକରିବା, ଜଙ୍ଗଲରେ ନିଆଁ ନ ଲଗାଇବା, ଜଙ୍ଗଲରେ ପଶୁ ପକ୍ଷୀ ମାନଙ୍କୁ ଶିକାର ନ କରିବା ଉପରେ ଲୋକଙ୍କୁ ବୁଝାଇବାରେ ଅଗ୍ରଣୀ ଭୂମିକା ନିର୍ବାହ କରିଆସିଛନ୍ତି ।

## ବିଦ୍ୟୁତ ବିଭ୍ରାଟ ପାଇଁ ଟିପିଓସିଏଡିଏଲ୍ ଭିତ୍ତିଭୂମି ସଜାଡିବା ଆବଶ୍ୟକ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ପୌରା ଳ ଅନ୍ତର୍ଗତ ୨ନଂ ୱାର୍ଡର ବଡବାରଙ୍ଗ ବିଦ୍ୟାଳୟଠାରୁ ମଧଖଣ୍ଡି ଗ୍ରାମ ରାସ୍ତାରେ ବିଦ୍ୟୁତ୍ ଏଲଟି ଲାଇନ୍‌ର ଅର୍ଦ୍ଧେକ କେବୁଲ କରାଯାଇଥିବା ବେଳେ ଦୀର୍ଘବର୍ଷ ହେବ ଅନ୍ୟ ଅର୍ଦ୍ଧେକ ଅଂଶକୁ କେବୁଲ କରାନଯାଇ ବନ୍ଦ ହୋଇ ପଡିରହିଛି । ବାକି ଥିବା ଅର୍ଦ୍ଧାଧିକ ଅଂଶ ବିଦ୍ୟୁତ ଏଲ୍‌ଟି ଲାଇନକୁ କେବୁଲ କରିବା ପାଇଁ ବିଦ୍ୟୁତ ବିଭାଗ(ଟିପିସିଓଡିଏଲ୍) ର ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ନିବେଦନ କରାଯାଇଥିଲେ ମଧ ସେ କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି । ଦୀର୍ଘ ଦୁଇମାସରୁ ଊର୍ଦ୍ଧ ହେବ ବକେୟା ଥିବା ଏଲ୍‌ଟି ଲାଇନରେ ଗଛଡାଳ ପଡି ବିଦ୍ୟୁତ ବିଭ୍ରାଟ ହେଉଥିବା ଅଭିଯୋଗ ହେଉଛି । ଏତଦ୍‌ବ୍ୟତୀତ ଦୁଇମାସ ହେବ ଦିନକୁ ବାରଘଣ୍ଟା ଅଘୋଷିତ ବିଦ୍ୟୁତ କାଟ କରାଯାଉଛି । କେବୁଲ କରାଗଲେ ବିଦ୍ୟୁତ ଚୋରିକୁ ରୋକାଯାଇପାରିବା ସହିତ ଗ୍ରାହକମାନେ ଉପଯୁକ୍ତ ଭୋଲ୍‌ଟେଜ୍ ପାଇପାରିବେ । ସେହି ରାସ୍ତାରେ ଗଣେଶ୍ୱର ମେକାପଙ୍କ ବାସଗୃହ ନିକଟସ୍ଥ ଛକରେ ଥିବା ବିଦ୍ୟୁତ୍ ଖୁଣ୍ଟି ଦୀର୍ଘବର୍ଷ ହେବ ଅଧାଭଙ୍ଗା ଅବସ୍ଥାରେ ଅତ୍ୟନ୍ତ ବିପଦଜନକ ଅବସ୍ଥାରେ ରହିଅଛି ।

# ଇଫକୋ ପକ୍ଷରୁ ପୁରୀ ରଥଯାତ୍ରା ଭକ୍ତଙ୍କ ପାଇଁ ହ୍ୱିଲ୍ ଚେୟାର ସେବା ଓ ପ୍ରସାଦ ସେବନ ବଂଟନ





ପାରାଦୀପ,(ପି.ଏନ): ପୁରୀର ପ୍ରସିଦ୍ଧ ରଥଯାତ୍ରାରେ ଭକ୍ତମାନଙ୍କ ସୁବିଧା ପାଇଁଇଫକୋ ପାରାଦୀପ ୟୁନିଟ ପକ୍ଷରୁ ହ୍ୱିଲ୍ ଚେୟାର ସେବା ପ୍ରଦାନ କରାଯିବା ସଙ୍ଗେ ସଙ୍ଗେ ପ୍ରସାଦ ବଂଟନର ବ୍ୟବସ୍ଥା ମଧ କରାଯାଇଥିଲା । ଏହି ସବୁ କାର୍ଯ୍ୟକ୍ରମରେ ସୁପରିଚାଳନା ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ଇଫକୋ ପକ୍ଷରୁ ଏକ ସେବା କେନ୍ଦ୍ର ସ୍ଥାପନ କରାଯାଇଛି । ରଥଯାତ୍ରା ଆରମ୍ଭରୁ ବାହୁଡାଯାତ୍ରା ପର୍ଯ୍ୟନ୍ତ ମାଗଣା ପ୍ରସାଦ ଏବଂ ଠାକୁର ଦର୍ଶନ ପାଇଁ ବ୍ୟଦ୍ଧ ଓ ଶାରୀରିକ ଅକ୍ଷମ ମାନଙ୍କ ପାଇଁ ୨୫ଟି ହ୍ୱିଲ୍ ଚେୟାର ସେବାର ବ୍ୟବସ୍ଥା କରାଯାଇଛି । ଏହି ସେବା କେନ୍ଦ୍ରକୁ ଇଫକୋ ପାରାଦୀପ ୟୁନିଟର ନିର୍ଦ୍ଦେଶକ କେ.ଜେ.ପଟେଲ ଉଦଘାଟନ କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଜ୍ୟୋତି ଲେଡିଜ୍ କ୍ଲବର ସଭାନେତ୍ରୀ ମମତା ପଟେଲ, ବିଶ୍ୱବାସୁ ଦଇତାପତି ବିନାୟକ ଦାସ ମହାପାତ୍ର, ଅନାଦି ଦାସମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଇଫକୋ ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ସମଗ୍ର ଅଭିଯାନକୁ ସକ୍ରିୟ ଭାବରେ ପରିଚାଳନା କୁରୁଥିବା ବେଳେ ଅନ୍ୟ ସଦସ୍ୟ ମାନେ ସହଯୋଗ କରିଥିଲେ । ହ୍ୱିଲ୍ ଚେୟାର ସେବା ବ୍ୟତିତ ଇଫକୋ ଦ୍ୱାରା ଇ-ରିକ୍ସା ସେବା ବ୍ୟବସ୍ଥା ବିନା ମୁଲ୍ୟରେ ପ୍ରଦାନ କରାଯାଉଛି । ନିର୍ଦ୍ଦେଶକ ଶ୍ରୀ ପଟେଲ କହିଛନ୍ତି ଯେ ଏହି ସେବା ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ଚାଲିବ ଏବଂ ପ୍ରତିବର୍ଷ ଏହି ସେବା ଜାରୀ ରହିବ । ଇଫକୋ କେବଳ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନୁହେଁ ବରଂ ସଂସ୍କୃତି ପାଳନ କରିବା ସମୟରେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାଏ । ତେବେ ଇଫକୋର ଏପରି ସେବା କାର୍ଯ୍ୟକ୍ରମକୁ ସାଧାରଣରେ ବେସ ପ୍ରଶଂସା କରାଯାଇଛି ।

## ସମାଜସେବୀ ଇନ୍ଦୁମତୀ ମହାପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ସହର ଉପକଣ୍ଠ ବାରିମୂଳ ଗ୍ରାମର ସ୍ୱର୍ଗତ ଦାମୋଦର ମହାପାତ୍ରଙ୍କ ଧର୍ମପତ୍ନୀ ତଥା ଶିକ୍ଷାବିତ୍ ଶରତ ମହାପାତ୍ରଙ୍କ ଜ୍ୟେଷ୍ଠ ମାତା ଇନ୍ଦୁମତୀ ମହାପାତ୍ରଙ୍କ ଦ୍ୱାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଜିଲ୍ଲା ବିଜୁ କୃଷକ ଜନତା ଦଳର ସଭାପତି ଦୁର୍ଗାଶିଷ ମହାନ୍ତି, ଚନ୍ଦନପୁର ବିଜେଡି ସଭାପତି ମନୋରଞ୍ଜନ ମହାନ୍ତି, ଚଉଦକୁଳାଟ ସମବାୟ ସମିତି ସମ୍ପାଦକ ହେମନ୍ତ ପାତ୍ର, କୁତରଙ୍ଗ ସମବାୟ ସମିତିର ସଭାପତି ପଦ୍ମନାଭ ସାହୁ, ପ୍ରଶାନ୍ତ ପାତ୍ର, ଆଇନଜୀବୀ ସରୋଜରାଜ ସିଂହ, ବାରୋ ସମିତିର ଶ୍ରୀହର୍ଷ ମହାନ୍ତି, କାଳନ୍ଦୀ ଚରଣ ସ୍ୱାଇଁ, ଶିକ୍ଷାବିତ୍ ସୁରେନ୍ଦ୍ର ପାତ୍ର, ଗିରିଧାରୀ ପାତ୍ର, ଦାମୋଦର ଧଳ, ନୀଳମାଧବ ସାମଲ, ସୁରେନ୍ଦ୍ର ରାଉତ, ସିଦ୍ଧାର୍ଥ ଶଙ୍କର ସାହୁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତା ଇନ୍ଦୁମତି ଜଣେ ସମାଜସେବ. ପରୋପକାରୀ ଓ ଧର୍ମପରାୟଣା ମହିଳା ହିସାବରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ବୋଲି କହିବା ସହିତ ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଶେଷରେ ଶରତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ତପନ ମହାପାତ୍ର, ରମାକାନ୍ତ ମହାପାତ୍ର, ବସନ୍ତ ମହାପାତ୍ର, ରଶ୍ମିରଞ୍ଜନ ରାଉତ, ପ୍ରଶାନ୍ତ ବିଶ୍ୱାଳ,ଦୀପକ ଧଳ ପ୍ରମୁଖ ପରିଚାଳନା କରିଥିଲେ ।

## ଦୃଷ୍ଟିବାଧିତ ଖେଳାଳିଙ୍କ ଗହଣରେ ପାଳିଲେ ନିଜର ବିବାହ ବାର୍ଷିକୀ



ଭୁବନେଶ୍ୱର,(ପି.ଏନ): ଆଧୁନିକ ଯୁଗରେ ବିବାହ ବାର୍ଷିକୀ ଉତ୍ସବ ପାଳନକୁ ମନେ ରଖିବା ପାଇଁ ନୂଆ ନୂଆ ତରିକାରେ ପାଳନ କରିଥାନ୍ତି ଦମ୍ପତି । ଆମେ ସାଧାରଣତଃ ଦେଖିଥାଉ କେହି ନିଜ ବିବାହ ବାର୍ଷିକୀ ଉତ୍ସବ ଅବସରରେ ପତ୍ନୀକୁ ଖୁସି କରିବା ପାଇଁ ଜହ୍ନ ରାଇଜରେ ଜାଗା କିଣି ଉପହାର ଦେଉଛି ତ ଆଉ କେହି ସୁନା, ଚାନ୍ଦି, ଡାଇମଣ୍ଡ, ଗାଡି, ବଙ୍ଗଳା ଇତ୍ୟାଦି ଦାମୀ ଉପହାର ଦେଇଥାନ୍ତି । ଆଉ କେହି ବିଭିନ୍ନ କ୍ଲବ, ପ ତାରକା ହୋଟେଲରେ ଉତ୍ସବ ଆୟୋଜନ କରି ସାଙ୍ଗ, ସାଥୀ, ବନ୍ଧୁବାନ୍ଧବମାନଙ୍କୁ ଆପ୍ୟାୟିତ କରିଥାନ୍ତି । ଆମ ସମାଜରେ ଏମିତି ଲୋକ ବି ଅଛନ୍ତି ଜାତୀୟତାର ମହାନ୍ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ହୋଇ ରକ୍ତଦାନ, ବୃକ୍ଷରୋପଣ, ରୋଗୀସେବା ଇତ୍ୟାଦି କାର୍ଯ୍ୟକୁ ଉତ୍ସବ ଗୁଡିକରେ ସେବା କାର୍ଯ୍ୟ କରି ଅନ୍ୟ ମୁହଁରେ ହସ ଫୁଟାଇଥାନ୍ତି । ଏଭଳି ମହତ୍ ଚିନ୍ତାଧାରାକୁ ଆପଣାଇ ନିଜର ୨୮ ତମ ବିବାହ ବାର୍ଷିକୀ ଉତ୍ସବକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି ରାଜଧାନୀ ଭୁବନେଶ୍ୱରର ଦମ୍ପତି ବିଶ୍ୱଜିତ୍ ଦାଶ ଓ ଧର୍ମପତ୍ନୀ ନନ୍ଦିନୀ ଦାଶ । ଯାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ଏହି ସ୍ପେସିଆଲ ଦିନକୁ ଆହୁରି ସ୍ପେସିଆଲ କରିବା ପାଇଁ ଜାତୀୟ ଓ ଅନ୍ତର୍ଜାତୀୟ ଦୃଷ୍ଟିବାଧିତ ଖେଳାଳିଙ୍କ ଗହଣରେ ପାଳନ କରିଛନ୍ତି ନିଜର ଏହି ବିବାହ ବାର୍ଷିକୀକୁ । ଖେଳାଳିଙ୍କ ରହିଥିବା ଅଭାବ ପୂରଣ କରି ଯୋଗାଇ ଦେଇଛନ୍ତି ଅନେକ ଖେଳ ସରଞ୍ଜାମ । କହିଛନ୍ତି ସେବାରେ ମିଳିଥାଏ ଆନନ୍ଦ । ଭୁବନେଶ୍ୱର ସ୍ଥିତ ତିଳତ୍ତୋମା ମଣ୍ଡପଠାରେ ଆୟୋଜିତ ଏହି ଉତ୍ସବରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁବଳ ମହାରଣା, ଦୃଷ୍ଟବାଧିତ ଖେଳାଳିଙ୍କ କୋଚ୍ ତଥା 'ବୁଲସ୍‌ଆଇ'ର ସଂପାଦକ ତ୍ରିଲୋଚନ ବେଉରା, ସ୍ଥାନୀୟ ସାମାଜିକ କର୍ମୀ ନକୁଳ ହରିଚନ୍ଦନ ପ୍ରମୁଖ ଉପସ୍ଥିତ ରହି ଦମ୍ପତିଙ୍କର ଏତାଦୃଶ କାର୍ଯ୍ୟକୁ ପ୍ରଶଂସା କରିବା ସହ ଇଶ୍ୱରଙ୍କ ନିକଟରେ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ ।

## କେନ୍ଦ୍ରାପଡା ପୌର ନିର୍ବାହୀ ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ପୌରସଂସ୍ଥାର ନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳଙ୍କର ଆନନ୍ଦପୁର ପୌରସଂସ୍ଥା ନିର୍ବାହୀ ଅଧିକାରୀ ଭାବେ ବଦଳି ହୋଇଛି । ଜିଲ୍ଲା ପ୍ରତିଭା ପୂଜା ସଂସଦ ପକ୍ଷରୁ ପୌରନିର୍ବାହୀ ଅଧିକାରୀ ଶ୍ରୀ ବଳଙ୍କୁ ତାଙ୍କ ଗରାପୁରସ୍ଥିତ ସରକାରୀ ବାସଭବନରେ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ସଂସଦ ପକ୍ଷରୁ ସଭାପତି ପ୍ରଦୀପ କୁମାର ମହାନ୍ତି, ଉପସଭାପତି ବୈଷ୍ଣବ ଚରଣ ପ୍ରଧାନ ଓ ମିଡିଆସେଲ୍ ସମ୍ପାଦକ ଚିତ୍ତରଞ୍ଜନ ଦାସ ଏକ ସାଲ୍ ଓ ପେନ୍ ପ୍ରଦାନ କରି ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହିତ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ ।

# ଚାଷୀଙ୍କ ସବ୍‌ସିଡି ହାତେଇବା ମାମଲା

ବାଲେଶ୍ୱର,(ପି.ଏନ): ବାଲେଶ୍ୱର ଜିଲା ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡା କୃଷି ଯନ୍ତ୍ରାଂଶ ସବ୍‌ସିଡି ହାତେଇବା ନେଇ ତନ୍ମୟ ମହାନ୍ତି ନାମକ ଜଣେ ବ୍ୟକ୍ତି ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ଆଣିଥିଲେ । ଏହାକୁ ନେଇ ରେମୁଣା ନିର୍ବାଚନମଣ୍ଡଳୀରେ ରାଜନୀତି ସରଗରମ ହୋଇଥିଲା । ବିଧାୟକଙ୍କ ଗିରଫ ଦାବି କରି ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାଶଙ୍କ ନେତୃତ୍ୱରେ ରେମୁଣା ଭାଜପା ପକ୍ଷରୁ ସୋମବାର ରେମୁଣା ବଜାର ବନ୍ଦ କରାଯାଇଥିଲା । ଅନ୍ୟପକ୍ଷରେ ସୋମବାର ଅପରାହ୍ନ ୫ଟା ସମୟରେ ଷ୍ଟେସନ କ୍ଲବ ପରିସରରେ ରେମୁଣା ନିର୍ବାଚନମଣ୍ଡଳୀର ବିଜେଡି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ବିଧାୟକ କୌଣସି ଚାଷୀଙ୍କ ସବ୍‌ସିଡି ହାତେଇ ନଥିବାର ନିର୍ବାଚିତ ବ୍ଲକ ଅଧକ୍ଷ, ଏନ୍‌ଏସି ଅଧକ୍ଷା, ଜିଲାପରିଷଦ ସଦସ୍ୟାସଦସ୍ୟ ପ୍ରମୁଖ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଗତ ୨୦୧୬ରେ ଚାଷୀମାନଙ୍କୁ ଯାନ୍ତ୍ରିକ ସୁବିଧା ସୁଯୋଗ ଯୋଗାଇ ଉନ୍ନତ ଚାଷ ପ୍ରଣାଳୀରେ ଚାଷ କରିବାକୁ "ଫାମ ମେକାନାଇଜେସନ୍ ଡିବିଟି ସ୍କିମ୍'ରେ ବିଭିନ୍ନ ଚାଷ ଉପକରଣ ସରକାର ସବ୍‌ସିଡିରେ ପ୍ରଦାନ କରିଥିଲେ । ଏଥିପାଇଁ ଚାଷୀମାନେ ଫାରମାର ଆଇଡି ଖୋଲି ଅନଲାଇନ୍ ?ରେ ଆବେଦନ କରିଥିଲେ ଏବଂ ତାଙ୍କର ସମସ୍ତ ଆବଶ୍ୟକୀୟ କାଗଜପତ୍ର ଦାଖଲ କରିଥିଲେ । ବିଭାଗୀୟ ଅନୁମୋଦନ ପରେ ଚାଷୀମାନଙ୍କୁ ଉକ୍ତ ସ୍କିମ୍‌ରେ ଚାଷ ଉପକରଣ ହାରବେଷ୍ଟର, ଟ୍ରାକ୍ଟର, ପାୱାର ଟିଲର, ଟ୍ରାନ୍ସପ୍ଲାଣ୍ଟର (ଧାନରୁଆ ଯନ୍ତ୍ର) ମିଳିଥିଲା । ଏହି କ୍ରମରେ ଚାଷ ଉପକରଣ ଯୋଗାଇ ଦେବା ପାଇଁ ମଧ ବିଭିନ୍ନ କମ୍ପାନୀ ଆବେଦନ କରିଥିଲେ । ରାଜ୍ୟ ସରକାରଙ୍କର ଡାଇରେକ୍ଟର ଆଣ୍ଡ ଏଗ୍ରିକଲଚର ବିଭାଗ ଦ୍ୱାରା ବିଭିନ୍ନ ଜିଲା ପାଇଁ ଡିଲର/ଭେଣ୍ଡରଙ୍କୁ ସ୍ଥିରୀକୃତ କରାଯାଇଥିଲା । ବାଲେଶ୍ୱର, ଭଦ୍ରକ, ମୟୁରଭଞ୍ଜ ଏ କେନ୍ଦୁଝର ଜିଲାରେ କୁବୋଟା କମ୍ପାନୀ ସମେତ ୱାର୍ଲଡ୍‌ଷ୍ଟାର, କ୍ଲାସ, ୟାନମାର୍ ?, ଏସିଇ, କର୍ତ୍ତାର, ଫିଲ୍ଡ କିଙ୍ଗ, ପ୍ରିତ୍ କମ୍ପାନୀ ଅନୁବନ୍ଧିତ ହୋଇଥିଲେ । କୁବୋଟା କମ୍ପାନୀ ଇଣ୍ଡିଆନ ଟ୍ରେଡିଂ କୋ, ନିଗମାନନ୍ଦ ଏସୋସିଏଟ୍ ଏବଂ ସାମ୍ ?ସନ୍ ଏଗ୍ରି ପାୱାର ଇକୁଇପ୍ ?ମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ନାମକ ସଂସ୍ଥାକୁ ଡିଲର ଭାବେ ଅନୁମତି ଦେଇଥିଲା । ଚାଷୀମାନେ କୃଷି ବିଭାଗ ଠାରୁ ସ୍ୱୀକୃତି ପାଇବା ପରେ ଅନଲାଇନ୍ ?ରେ ନିଜ ଇଚ୍ଛା ମୁତାବକ କମ୍ପାନୀ ଓ ଡିଲର ଠାରୁ ଚାଷ ଉପକରଣ ଗ୍ରହଣ କରିଛନ୍ତି । ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର (ଡିବିଟି) ମୋଡରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସରକାର ସବ୍ ?ସିଡି ପ୍ରଦାନ କରିଥିଲେ । ଚାଷୀମାନେ ନିଜର ତଥା ନିଜ ସମ୍ପର୍କୀୟ ଆକାଉଣ୍ଟକୁ ସବ୍ ?ସିଡ଼ି ନେଇଥିବା ବେଳେ କିପରି ଭାବରେ ଗୋଟିଏ ଡିଲର ଚାଷୀମାନଙ୍କ ଟଙ୍କା ହଡପ କରିପାରିବେ ବୋଲି ବିଜେଡି ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା ପ୍ରଶ୍ନ କରିଥିଲେ । ରାଜ୍ୟର ଏକାଧିକ କମ୍ପାନୀ ଏହି ସ୍କିମ୍ ?ରେ ଉକ୍ତ ଚାଷ ଉପକରଣ ଯୋଗାଇ ଥିବା ବେଳେ ବାଲେଶ୍ୱରରେ କୁବୋଟା କମ୍ପାନୀ ମଧ ୩ଟି ଡିଲର ମାଧମରେ ଚାଷ ଉପକରଣ ଚାଷୀଙ୍କୁ ପ୍ରଦାନ କରିଥିଲେ । ଅନ୍ୟ କୌଣସି କମ୍ପାନୀ କିମ୍ବା ଡିଲରଙ୍କ ଉପରେ ସବସିଡି ହଡପ କରିଥିବା ଅଭିଯୋଗ ନଥିବା ବେଳେ ଜଣେ ବିଜେଡିରୁ ବହିଷ୍କୃତ କର୍ମୀ ତନ୍ମୟ ମହାନ୍ତି କେଉଁ କାରଣରୁ ନିଗମାନନ୍ଦ ଆସୋସିଏଟ୍ ଉପରେ ଅଭିଯୋଗ ଅଣାଯାଇଛି । କାରଣ ନିଗମାନନ୍ଦ ଆସୋସିଏଟ୍ ?ର ଜଣେ ଅଂଶୀଦାର ହେଲେ ରେମୁଣା ବିଧାୟକ । ତେଣୁ ଏହା ରାଜନୈତିକ ଚକ୍ରବ୍ୟୁହ ବୋଲି ରେମୁଣା ବ୍ଲକ ଅଧକ୍ଷ ରାଜେନ୍ଦ୍ର ରାଉତ ପ୍ରକାଶ କରିଥିଲେ । ରେମୁଣା ନିର୍ବାଚନମଣ୍ଡଳୀରେ ବିଧାୟକ ଶ୍ରୀ ପରିଡାଙ୍କ କାର୍ଯ୍ୟଧାରାରୁ ମିଳୁଥିବା ଲୋକପ୍ରିୟତାକୁ ସହ୍ୟ କରି ନପାରି ବିରୋଧୀ ଦଳ ଏବଂ କିଛି ଦଳୀୟ ନେତା ଏଭଳି ଚକ୍ରାନ୍ତ କରୁଥିବାର ରେମୁଣା ଏନ୍‌ଏସି ଅଧକ୍ଷା ତନୁଜା ଗିରି ପ୍ରକାଶ କରିଛନ୍ତି । ଆଗାମୀ ଦିନରେ ଯଦି ବିଧାୟକଙ୍କୁ କୌଣସି ସୋସିଆଲ ମିଡିଆରେ କିମ୍ବା ସାଧାରଣରେ ଅପମାନ କିମ୍ବା ବଦନାମ ପାଇଁ ପ୍ରୟାସ କରାଯାଏ ତା'ହେଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଧାୟକ ପ୍ରତିନିଧି ମନୋରଞ୍ଜନ ରାଉତ ଚେତାବନୀ ଦେଇଛନ୍ତି । ଖବରଦାତା ସମ୍ମିଳନୀରେ ରେମୁଣା ଏନ୍‌ଏସି ଉପାଧକ୍ଷ ଅୟେସାନ ଖାନ, ସଦର ବ୍ଲକ ଉପାଧକ୍ଷ ଚୈତନ୍ୟ ସିଂହ, ରେମୁଣା ବ୍ଲକ ଉପାଧକ୍ଷା ସୁମତି ବେହେରା, ବିଜୁ ଯୁବ ଜନତା ଦଳର ରାଜ୍ୟ ସମ୍ପାଦକ ତଥା ସରପଞ୍ଚ ତାପସ ପାଣିଗ୍ରାହୀ, ଜିଲାପରିଷଦ ସଦସ୍ୟ ଅଭିମନ୍ୟୁ ଧିନ୍ଦା, ଜିଲାପରିଷଦ ସଦସ୍ୟା କଲ୍ୟାଣି ବାରିକ, ବନ୍ଦିତା ନାୟକ ଓ କବିତା ପାଣି ପ୍ରମୁଖ ଉପସ୍ଥିତ ଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray